

ସତ୍ୟ ଓ ଆଲୋକ ଦୁଇଟି ଯାକ ସମାନ। ଦୁହିଁଙ୍କର ପଥ ଗୋଟିଏ ସରଳରେଖାରେ ହିଁ ଗତି କରେ।
- ଆବ୍ରାହମ୍ ଲିଙ୍କନ



## ସଂକ୍ଷେପରେ

### ଜିଲା ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ନିଯୁକ୍ତି କାର୍ଯ୍ୟାଳୟ ଘେରାଉ

ବିରଜାକ୍ଷେତ୍ର,୫।୧୧(ଡି.ଏନ୍.ଏ): ଯାଜପୁର ଜିଲା ଯାଜପୁର ବ୍ଲକ ସୁନ୍ଦରପୁରଠାରେ ଥିବା ଜିଲା ନିଯୁକ୍ତି କାର୍ଯ୍ୟାଳୟ ବାହାରେ ଆଜି ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ତାଲା ଅଭିଯାନ କରାଯାଇଛି। ଜିଲାର କଳିଙ୍ଗନଗରରେ ଏକ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯାଇ ଗୋଟିଏ ପରେ ଗୋଟିଏ କାରଖାନା ମୁଣ୍ଡ ଟେକୁଥିଲେ ମଧ୍ୟ ସେଠାରେ ଜିଲାର ଯୁବକଙ୍କ ନିଯୁକ୍ତି ମିଳୁନାହିଁ। ଶିଳ୍ପ କାରଖାନାମାନେ ଦକ୍ଷତାର ଆଳ ଦେଖାଇ ଖସି ଯାଉଛନ୍ତି। ଏହାକୁ ବିରୋଧ କରି ଆଜି ଜିଲା ଯୁବ ମୋର୍ଚ୍ଚା ସଭାପତି ଇଂ ଆଲେକଜାଣ୍ଡର ଦାସଙ୍କ ନେତୃତ୍ୱରେ ଶତାଧିକ ଯୁବକ ତାଲା ପକା ଅଭିଯାନରେ ସାମିଲ ହୋଇଥିଲେ। ଶିଳ୍ପସଂସ୍ଥା ଠାରୁ ପ୍ରଶାସନ ସହଯୋଗ ନେଉଥିବା ବେଳେ ଜିଲାର ପାଣି ଓ ଜମି ନେଇ ମୁଣ୍ଡ ଟେକିଥିବା କାରଖାନାକୁ ପ୍ରୋତ୍ସାହିତ କରୁଛନ୍ତି। ଯାହାକୁ ନେଇ ପୂର୍ବରୁ ଅକ୍ଟୋବର ୩ ତାରିଖରେ ଯୁବ ମୋର୍ଚ୍ଚା ପକ୍ଷରୁ ଜିଲା ପ୍ରଶାସନକୁ ୧୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଯୁବ ମୋର୍ଚ୍ଚାର ସଦସ୍ୟମାନେ ଯୋଗ ଦେଇ ରାଜ୍ୟ ସରକାରଙ୍କ ପାଠୁଆ ମାରଣ ନୀତି ଓ ଶିଳ୍ପ ପ୍ରୀତି ନୀତିକୁ ବିରୋଧ କରି ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଯୁବ ସାଧାରଣ ସଂପାଦକ ସୌମ୍ୟରଂଜନ ଧଳ, ଜିଲା ଯୁବ ସଂପାଦକ ସତ୍ୟଜିତ ସ୍ୱାଇଁ,ହୃଷିକେଶ ମେକାପ, ବିଶ୍ୱଜିତ ବରାଳ, ଦେବାପି ମହାପାତ୍ର,ଜିତାମିତ୍ର ଦାଶ, ମନ୍ମଥ ବରାଳ, ମୃତ୍ୟୁଞ୍ଜୟ ମିଶ୍ର,ସୌରଭ ମହାପାତ୍ର,ମନୋଜ ମହାନ୍ତି,ଭାସ୍କର ଚନ୍ଦ୍ର ଜେନା,ମହେନ୍ଦ୍ର ପହି,ସାର୍ଥକ ସାମଲ,ସତ୍ୟ ପ୍ରକାଶ ସାହୁ,ତପନ ଗୁଇଁ ଓ ମାନ ଗୋବିନ୍ଦ କୁନ୍ଦୁ ପ୍ରମୁଖଙ୍କ ସହ ଶତାଧିକ ସଦସ୍ୟ ସାମିଲ ହୋଇଥିଲେ।

### ଜଳିଗଲା ୨ ବଖରା

ଧର୍ମଶାଳା, ୫।୧୧(ଡି.ଏନ୍.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ ପାଟପୁର ପଞ୍ଚାୟତ ବଡ଼ବାରି ସାହିରେ ସୋମବାର ଅଗ୍ନିକାଣ୍ଡରେ ୨ ବଖରା ଘର ପୋଡ଼ିଯାଇଛି । ଫଳରେ ୩୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି। ବଡ଼ବାରିସାହିର ଗୋବିନ୍ଦ ଖୁଣ୍ଟିଆଙ୍କ ସ୍ତ୍ରୀ ରୋଷେଇ କରୁଥିବାବେଳେ ଚାଳରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟଲୋକେ ପାଣି ଢାଳି ନିଆଁ ଲିଭାଇବାକୁ ଉଦ୍ୟମକରିବା ସହ ଚଣ୍ଡିଖୋଲ ଦମକଳ ବିଭାଗକୁ ଖବର ଦେଇଥିଲେ । ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଅଗ୍ନିବିପନ୍ନ ପରିବାରକୁ ମୋକ୍ତିଆ କିମ୍ବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

### ଖବରଦାତାଙ୍କ ବନ୍ଧୁମିଳନ

କଳିଙ୍ଗନଗର, ୫।୧୧(ଡି.ଏନ୍.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳରେ କାର୍ଯ୍ୟରତ ଖବରଦାତାଙ୍କ ଏକ ବନ୍ଧୁ ମିଳନପର୍ବ ରବିବାର ଅନୁଷ୍ଠିତ ହୋଇଯାଇଛି । ଜୟ ନାରାୟଣ ମହାପାତ୍ରଙ୍କ ଆବାହକତ୍ୱରେ ଡୁବୁରୀ ଡାକବଙ୍ଗଳାଠାରେ ଅନୁଷ୍ଠିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଶିଳ୍ପାଞ୍ଚଳରେ ଖବର ସଂଗ୍ରହରେ ସମ୍ବାଦଦାତାଙ୍କ ସକ୍ରୀୟତା ଏବଂ ପରସ୍ପର ମଧ୍ୟରେ ସହଯୋଗିତା ବଜାୟ ରଖିବା ପ୍ରସଙ୍ଗ ଆଲୋଚିତ ହୋଇଥିଲା। ସର୍ବଶ୍ରୀ କୈଳାସ ଚନ୍ଦ୍ର ପୃଷ୍ଟି, ରଙ୍ଗ ବଲ୍ଲଭ ସାହୁ, ଦୁଷ୍ମନ୍ତ ଘଡାଇ, ବିପ୍ଳବ ବିଜୟ ପଣ୍ଡା, ଅଜୟ କୁମାର ବିଶ୍ୱାଳ, ପ୍ରଦୀପ କୁମାର ଜେନା, ଉମାକାନ୍ତ ମହାପାତ୍ର, ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

## ■ ଡଙ୍କାରୀରେ ଖାଦାନ ଚଳାଇବାକୁ ସଜବାଜ

# ପୋତାଗଲା ଗାତ, ସଜଡ଼ା ଚାଲିଛି ଓଜନକଣ୍ଟା

ଯାଜପୁର ଅଫିସ,୫।୧୧



ଖୋଳାଯାଇଥିବା ଡଙ୍କାରୀ ରାସ୍ତାକୁ ପୋତି ଦିଆଯାଇଛି।

■ଡଙ୍କାରୀ ପାହାଡ଼ରେ ଜାରି ହୋଇଥିଲା ୧୪୪ ଧାରା

■ସୁପ୍ରିମକୋର୍ଟରୁ ରହିତାଦେଶ ଆଣିଛନ୍ତି ପଥର ବ୍ୟବସାୟୀ

ଧର୍ମଶାଳା ତହସିଲ ଅଧୀନରେ ଚାଲିଥିବା କଳାପଥର ବ୍ୟବସାୟ ସମ୍ପୂର୍ଣ୍ଣ ବେଆଇନ। କୌଣସି ଲିଜଧାରୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ରୁ ପ୍ରତିଷ୍ଠା ଅନୁମତି ଏବଂ ପରିଚାଳନା ଅନୁମତି ନେଇ ନାହାନ୍ତି। ଯାହାକି ୧୯୭୪ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଓ ୧୯୮୧ ବାୟୁ ପ୍ରଦୂଷଣ ଆଇନକୁ ଉଲ୍ଲଂଘନ କରାଯାଉଛି। ଯାଜପୁର ଜିଲାପାଳଙ୍କୁ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ ଗତ ସେପ୍ଟେମ୍ବର ୭ରେ ଏହି ଗୁରୁତ୍ୱପୂର୍ଣ୍ଣ ପତ୍ର ଦେଇଥିଲେ। ଜିଲା ପ୍ରଶାସନ ଏହାକୁ ଚାପି ଦେବା ସହ ଆଇନକୁ ଅଣଦେଖା କରିବାକୁ ଏପ୍ରକାର ଉସୁକାଇ ଥିଲା। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଗତ ଅକ୍ଟୋବର ୧୫ରେ ଡଙ୍କାରୀର ୬ଟି କଳାପଥର ଖାଦାନକୁ ପ୍ରଶାସନ ସିଲ କରିବା ସହ ଓଜନ କଣ୍ଟାଗୁଡିକ ଭାଙ୍ଗି ଦେଇ ବିଦ୍ୟୁତ ସଂଯୋଗ କାଟି ଦେଇଥିଲା। ଡଙ୍କାରୀ ପାହାଡ଼ରେ ୧୪୪ ଧାରା ଜାରି କରିଥିଲା । ଏହାସହ ୪ଟି ଜେସିବି ମେଶିନ ସହାୟତାରେ ପଥର ଖାଦାନ ରାସ୍ତାରେ ପ୍ରାୟ ୬ଫୁଟ ଗଭୀର ବିଶିଷ୍ଟ ଗାତ ଖୋଳାଯାଇଥିଲା। ଏବେ ପଥର ବ୍ୟବସାୟୀମାନେ ସେହି ଗାତଗୁଡିକୁ ପୋତି ଖାଦାନରେ ୱାଗନ ବ୍ଲାଷ୍ଟିଂ ପାଇଁ ପ୍ରସ୍ତୁତି ଚଳାଇଥିବା ସୂଚନା ମିଳିଛି । ଏଥିରୁ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଫସର ଫାଟିଥିବା କୁହାଯାଉଛି। ରାଜ୍ୟ ଶାସନରେ ପଥର ବ୍ୟବସାୟୀଙ୍କ ପ୍ରଭୁତ ପ୍ରଭାବ ରହିଥିବା ଡଙ୍କାରୀ ଖାଦାନ ଉପରେ ପ୍ରଶାସନ ୧୪୪ ଧାରା ଜାରି କରି ସାଧାରଣରେ ପ୍ରଶଂସିତ ହୋଇଥିଲା। ସମସ୍ତେ ଏହି କାର୍ଯ୍ୟାନୁଷ୍ଠାନକୁ ଏକ ଦୁଃସାହସିକ ପଦକ୍ଷେପ ବୋଲି ଅଭିହିତ କରୁଥିଲେ। ହେଲେ ପଥର ବ୍ୟବସାୟୀ ଓ ରାଜନେତାଙ୍କ ପ୍ରଭାବ ଆଗରେ ପ୍ରଶାସନର ଦମ୍ଭ ଭାଙ୍ଗି ଯାଇଛି ବୋଲି ଆଲୋଚନା ହେଉଛି। ଯଦ୍ୱାରା ପଥର ବ୍ୟବସାୟୀମାନେ ପୁଣି ଖାଦାନ ଚଳାଇବାକୁ ପ୍ରସ୍ତୁତି ଆରମ୍ଭ କରିଥିବା କୁହାଯାଉଛି। ଏହି ୨୦ଦିନର ଡଙ୍କାରୀ ବନ୍ଦ ଫଳରେ କେତେଜଣ ରାଜନେତା, ପ୍ରଶାସନିକ ଅଧିକାରୀ ପ୍ରମୁଖ ଦଶହରା ଚାନ୍ଦା ପାଇ ପାରି ନ ଥିଲେ। ଆଗକୁ ପ୍ରସିଦ୍ଧ କାଳୀପୂଜା ଓ ଦୀପାବଳି ଥିବାରୁ କଳେବଳେ କୌଶଳେ ସରକାରଙ୍କ ନିକଟରେ ଚାପ ପ୍ରୟୋଗ କରି ଡଙ୍କାରୀକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ଯୋଜନା ଚଳାଇଥିବା ଅଭିଯୋଗ ହୋଇଛି। ନିକଟରେ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନଜିଟି)ର ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ପଥର ବ୍ୟବସାୟୀମାନେ ସୁପ୍ରିମକୋର୍ଟରୁ ରହିତାଦେଶ ଆଣିଛନ୍ତି। ଏହି ବଳରେ ଗତ ୨ଦିନ ମଧ୍ୟରେ ଖୋଳାଯାଇଥିବା ଗାତ ସବୁ ପୋତି ଓଜନ କଣ୍ଟାଗୁଡିକୁ ସଜଡ଼ା ଯାଉଛି। ୧୪୪ ଧାରା ପାଇଁ ଲଗାଯାଇଥିବା ନାଲି ଫିତାକୁ ଓପାଡି ଫିଙ୍ଗି ଦିଆଯାଇଛି । ଏପରିକି ପାହାଡ଼ ଉପରେ ପୂଜାପାଠ କରାଯାଉଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏସପିସିବି, ଜିଲା ପ୍ରଶାସନ ଓ ଏନଜିଟିର ନିର୍ଦ୍ଦେଶ ସତ୍ତ୍ୱେ କାହା ବଳରେ ପଥର ବ୍ୟବସାୟୀମାନେ ଏଭଳି ସାହାସ ଦେଖାଇଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ବେଆଇନ ଖାଦାନ ଆରମ୍ଭ କରାଗଲେ ପୁଣି ଏନଜିଟିର ଦ୍ୱାରସ୍ଥ ହେବୁ ବୋଲି ପ୍ରକାଶ କରିଛନ୍ତି। ଡଙ୍କାରୀରେ ଖାଦାନ ଆରମ୍ଭ ହେଲେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ କେନ୍ଦ୍ରୀୟ ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା ହେବାରେ ବାଧାସୃଷ୍ଟି ହେବ ବୋଲି ଆଶଙ୍କା ରହିଛି। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ଶୀତଳ ଅଗ୍ରୱାଲଙ୍କୁ ପଚାରିବାରୁ, ପ୍ରଶାସନ ତରଫରୁ ପୁଣି ଖାଦାନ ଆରମ୍ଭ କରିବାକୁ କୌଣସି ନିର୍ଦ୍ଦେଶ ହୋଇ ନାହିଁ। ୧୪୪ ଧାରା ଲାଗୁ ହେବା ପରେ ବିନା ନିର୍ଦ୍ଦେଶରେ ପଥର ଉତ୍ତୋଳନ ହେଲେ ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

### ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ଯାଜପୁର ଅଫିସ,୫।୧୧

ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଶିବିର ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହଠାରେ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ମୋଟ ୨୪୧ଟି ଅଭିଯୋଗରୁ ୨୨୪ଟି ବ୍ୟକ୍ତିଗତ, ୧୧ଟି ସାମୁହିକ ଆବେଦନ ମିଳିଥିଲା । ରେଡକ୍ରସ ସହାୟତା ପାଇଁ ୪ଟି ଆବେଦନ ମିଳିଥିବା ବେଳେ ଚିକିତ୍ସା ସହାୟତା ପାଇଁ ୮,୦୦୦ ଟଙ୍କା ଓ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୨ଜଣଙ୍କୁ ୨୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଶିବିରରେ ୧୧୩ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ନଭେମ୍ବର ୧୨ରେ ବଡଚଣା ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ ମହା ସମାଧାନ ଶିବିର, ୧୯ରେ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି, ୨୬ରେ ଯାଜପୁର ବ୍ଲକ ବଡସୁଆର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମିଳିତ ଅଭିଯୋଗ ଶୁଣାଣି ଓ କୃଷି ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ଜିଲା ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ ସୂଚନା ଦିଆଯାଇଛି।

## ବିଶ୍ୱକପ୍ ହକି ମାସ୍କଟ ଓଲିର ସଚେତନତା ଅଭିଯାନ

ଯାଜପୁର ଅଫିସ,୫।୧୧



ସଚେତନତା ଶୋଭାଯାତ୍ରାକୁ ଜିଲାପାଳ ଉଦ୍‌ଘାଟନ କରୁଛନ୍ତି।

ଜିଲା ପ୍ରଶାସନ ପକ୍ଷରୁ ସୋମବାର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ବିଶ୍ୱକପ ହକିର ମାସ୍କଟ ଓଲି ଓ ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ ହୋଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଆନୁଷ୍ଠାନିକ ଭାବେ ପତାକା ଦେଖାଇ ଏହି କ୍ରୀଡା ସବୁବେଳେ ସଦ୍‌ଭାବନା, ବନ୍ଧୁତ୍ୱ ଭାବ ସୃଷ୍ଟି ସହ ପାରସ୍ପରିକ ସହଯୋଗକୁ ଦୃଢ କରିଥାଏ ବୋଲି କହିବା ସହ ଚଳିତ ହକି ବିଶ୍ୱ କପ୍ ଆମ ରାଜ୍ୟ ପାଇଁ ଏକ ଅନନ୍ୟ ଉପହାର ଯାହା କ୍ରୀଡାବିତଙ୍କୁ ପ୍ରେରଣା ଦେବ ବୋଲି କହିଥିଲେ। ଏହି ଗୌରବମୟ କ୍ରୀଡା ଅଧ୍ୟାୟ ନଭେମ୍ବର ୨୮ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ଆୟୋଜିତ ହେବ। ଏହି କ୍ରୀଡାର ଅବ୍ୟବହିତ ପୂର୍ବରୁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ବିଶ୍ୱ କପ୍ ହକିରର ମାସ୍କଟ ଓଲି ସମଗ୍ର ରାଜ୍ୟ ପରିଭ୍ରମଣ କରିଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ, ପୂର୍ବତନ ପୌରାଧକ୍ଷ ଭବ ପ୍ରସାଦ ଦାସ, କ୍ରୀଡା ଅଧିକାରୀ ଫକୀର ମୋହନ ଗୁଡୁ, ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର, ପୂର୍ବତନ କାଉନସିଲର ସନ୍ତୋଷ କୁମାର ମଲ୍ଲିକ, ସହକାରୀ ନାଜିର ଅଶୋକ କୁମାର ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ପରେ ଓଲି ମାସ୍କଟ ସହ ବିଜୁ ଯୁବ ବାହିନୀର ସ୍ୱେଚ୍ଛାସେବୀ, କ୍ରୀଡା ଛାତ୍ରାବାସର ଛାତ୍ରୀଛାତ୍ର ପ୍ରମୁଖ ହକି ବିଶ୍ୱକପ୍ ସଚେତନତା ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। କ୍ୟାପଟେନ ମନୋରଞ୍ଜନ ବାରିକ, ପ୍ରମୋଟର ବିଜୟ କୁମାର ପୁହାଣ, ଆଙ୍କର ସନ୍ଦୀପ, ଓଲି ସାଜିଥିବା ବିକାଶ କୁମାର ସାହୁ, ମାନସ ସାହୁ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ

ଚଣ୍ଡିଖୋଲ, ୫।୧୧(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ଘୁମୁରୀ ପଞ୍ଚାୟତର ବହୁ ବରିଷ୍ଠ କଂଗ୍ରେସ କର୍ମୀ ସୋମବାର ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଚଣ୍ଡିଖୋଲସ୍ଥିତ ଦଳୀୟ କାର୍ଯ୍ୟାଳୟରେ ସରକାରୀ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀଙ୍କ ଉପସ୍ଥିତିରେ ଦଳର ସଭାପତି ଅରବିନ୍ଦ ସାମଲଙ୍କ ସଭାପତିତ୍ୱରେ ଏକ ମିଶ୍ରଣ ସଭା ଅନୁଷ୍ଠିତ ହୋଇଥିଲା। ବଡ଼ଘୁମୁରି ପଞ୍ଚାୟତର ବରିଷ୍ଠ କଂଗ୍ରେସ କର୍ମୀ ପ୍ରମୋଦ ରଞ୍ଜନ ବାଗ୍, ବିବେକାନନ୍ଦ ବିଶ୍ୱାଳ, ସନ୍ତୋଷ କୁମାର ବସନ୍ତିଆ, ମନମୋହନ ପୃଷ୍ଟି ପ୍ରମୁଖ ବିଜେଡିରେ ଯୋଗ ଦେଇଛନ୍ତି। ବଡ଼ଘୁମୁରୀ ପଞ୍ଚାୟତର ବିଜେଡି ସଭାପତି ଅକ୍ଷୟ କୁମାର ରାଉତ, ମାୟାଧର ଖଣ୍ଡାଇ, ରାମଚନ୍ଦ୍ର ସ୍ୱାଇଁ, ସରପଞ୍ଚଙ୍କ ପ୍ରତିନିଧୀ ଭବାନୀଶଙ୍କର ସାହୁ , ବିଜୟ କୁମାର ରାଉତରାୟ, ମାନସ ପଣ୍ଡା, ମିହିର ଖୁଣ୍ଟିଆ, ମାଧବାନନ୍ଦ ମଳିକ ପ୍ରମୁଖ ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଛନ୍ତି।

## ■ ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ ମେଳା

# ଅସନ୍ତୋଷ ପ୍ରକାଶକରି ଫେରିଗଲେ ଶ୍ରମିକ

ଚଣ୍ଡିଖୋଲ, ୫।୧୧(ଡି.ଏନ୍.ଏ.)

ରାଜ୍ୟ କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ଼ ପକ୍ଷରୁ ଜିଲା ଶ୍ରମବିଭାଗ ଆନୁକୂଲ୍ୟରେ ଚଣ୍ଡିଖୋଲସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ସୋମବାର ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ଆର୍ଥିକ ସହାୟତା ରାଶି ପ୍ରଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ୫୫ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ନେଇ ବହୁ ଶ୍ରମିକ ଅସନ୍ତୋଷ ପ୍ରକାଶ କରିଥିଲେ। ବଡ଼ଚଣା ବ୍ଲକରେ ୮ ହଜାର ନିର୍ମାଣ ଶ୍ରମିକ ନାମ ପଞ୍ଜିକୃତ ପାଇଁ ଆବେଦନ କରିଛି। ସେଥିରୁ ଅଦ୍ୟାବଧି ମାତ୍ର ୩ ଶହ ପଞ୍ଜିକୃତ ହୋଇପାରିଛି। ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସରକାରଙ୍କ ମୁଖ୍ୟ ସଚେତକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟର ଉନ୍ନତିରେ ନିର୍ମାଣ ଶ୍ରମିକମାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଶତପଥୀ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଶ୍ରମ ଅଧିକାରୀ ଶିବ ଶଙ୍କର ମିଶ୍ର, ଯାଜପୁର ଡ଼ିଭିଜନ ଉପଶ୍ରମ ଆୟୁକ୍ତ ସୁନିଲ କୁମାର ସାହୁ, ଗ୍ରାମୀଣ ଶ୍ରମ ନିରୀକ୍ଷକ ସଞ୍ଜୀବ କୁମାର ଦେଓ , ଅରବିନ୍ଦ ସାମଲ, ସୁଙ୍ଗୁଡ଼ା ସରପଞ୍ଚ ଚାଚାଲିନ ସ୍ୱାଇଁ, ଏମ୍‌ପି ପ୍ରତିନିଧି ପଞ୍ଚାନନ ଧଳ ପ୍ରମୁଖ ଯୋଗଦେଇଥିଲେ। ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଦୀର୍ଘ ୨ବର୍ଷ ହେବ ସହାୟତା ପାଇଁ ଶ୍ରମିକମାନେ ଆବେଦନ କରିଥିବାବେଳେ ସେମାନଙ୍କୁ ସହାୟତ ରାଶି ପ୍ରଦାନ କରାଯାଇ ପାରି ନାହିଁ । ଏହାକୁ ନେଇ କୁନ୍ଦଳ ଗ୍ରାମର ଦେବେନ୍ଦ୍ର ଜେନା, ନାରାୟଣ ମଳିକ, ସୋଲର ପଞ୍ଚାୟତର ଶାଶିଭୁଷଣ ସ୍ୱାଇଁଙ୍କ ସହ ବହୁ ଶ୍ରମିକ ଉତ୍ସବସ୍ଥଳରେ ଅଭିଯୋଗ କରିବା ସହ ନିରାଶ ହୋଇ ଫେରିଯାଇଥିଲେ। ଅଭିଯୋଗ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଶିବ ଶଙ୍କର ମିଶ୍ରଙ୍କୁ ପଚାରିବାରୁ ଯେଉଁମାନଙ୍କର ଅଭିଯୋଗ ଅଛି ସେମାନେ ଜିଲା କାର୍ଯ୍ୟାଳୟରେ ଅଭିଯୋଗ କରିବା ପରେ ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଧର୍ମଶାଳା, ୫।୧୧(ଡି.ଏନ୍.ଏ.)

ଭୂମିହୀନଙ୍କୁ ଘରଡିହ ଆବଣ୍ଟନ, ବନ୍ଦୋବସ୍ତରେ ଭୁଲ ତଥ୍ୟ ଯୋଗୁ ଜମି ହରାଇଥିବା ଲୋକମାନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସୋମବାର ବସୁଧା ସୁଧାର ମଞ୍ଚ ପକ୍ଷରୁ ଧର୍ମଶାଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅପର୍ଣ୍ଣାଧୀର ସିଂହ ଭରଦ୍ୱାଜ ଓ ରାଜ୍ୟ ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ପବିତ୍ରମୋହନ ଦାଶଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ଶତାଧିକ ଜନସାଧାରଣ ସାମିଲ ହୋଇଥିଲେ। ୧୬ ନମ୍ବର ଜାତୀୟ ରାଜପଥ ଜାରକାଠାରୁ ଏକ ଶୋଭାଯାତ୍ରାରେ ମଞ୍ଚର ବହୁ କର୍ମୀ ଓ ଅଞ୍ଜୀରା ଗ୍ରାମର ଶତାଧିକଲୋକେ ଧର୍ମଶାଳା ତହସିଲ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଞ୍ଚ ପକ୍ଷରୁ ଧର୍ମଶାଳା ତହସିଲଦାର ଶୀତଲ ଅଗ୍ରୱାଲଙ୍କୁ ୭ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରତିବାଦ ସଭାରେ ଶିବପ୍ରସାଦ ଜେନା ସଭାପତିତ୍ୱ କରିଥିବାବେଳେ ମଧୁପୁର ରାଜଜେମା ତଥା ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ଅପର୍ଣ୍ଣାଧୀର ସିଂହ ଅଞ୍ଜିରା, ବଳରାମପୁର ଗ୍ରାମର ଲୋକଙ୍କ ଜମିକୁ ବନ୍ଦୋବସ୍ତରେ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ସରକାରୀ ଜମି କରିଦେବା ସହ ଉକ୍ତ ଜମିକୁ ଜଙ୍ଗଲ କିସମ କରିଥିବା ଅଭିଯୋଗ କରିଥିଲେ। ଏଥିସହ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ସଭାରେ ମତବ୍ୟକ୍ତ କରିଥିଲେ। ପବିତ୍ର ମୋହନ ଦାଶ ଧର୍ମଶାଳା ତହସିଲଦାର ଅଞ୍ଜୀରା ମୌଜା ସମେତ ବିଭିନ୍ନ ଗ୍ରାମରେ ବନ୍ଦୋବସ୍ତ ଓ ଚକବନ୍ଦି କାର୍ଯ୍ୟ ତ୍ରୁଟି ହେତୁ ବନ୍ଦୋବସ୍ତ ହୋଇଥିବା ମୌଜାଗୁଡିକରେ ସୃଷ୍ଟିହୋଇଥିବା ସମସ୍ୟାକୁ ଯଥାଶୀଘ୍ର ସମାଧାନ କରାଯାଇ ସ୍ଥିତିବାନ ସ୍ୱତ୍ୱରେ ଭୂମିହୀନ ଓ ଆଦିବାସୀ ଲୋକଙ୍କୁ ଘରଡିହ ପ୍ରଦାନ କରିବାକୁ ରାଜସ୍ୱ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଥିଲେ। ସୁନୀଲ ମୋହନ , ଶଙ୍କର ପ୍ରତାପ ଦାସ ସମେତ ବହୁ କର୍ମୀ ସଭାରେ ଉଦ୍‌ବୋଧନ ଦେଇଥିଲେ।

### କୁନ୍ଦଳରୁ ଚୋରି ଟ୍ରକ୍ ଉଦ୍ଧାର

ଚଣ୍ଡିଖୋଲ, ୫।୧୧(ଡି.ଏନ୍.ଏ.)

ବଡ଼ଚଣା ଥାନା ଅନ୍ତର୍ଗତ କୁନ୍ଦଳ ସ୍କୁଲ ନିକଟରୁ ବଡ଼ଚଣା ପୋଲିସ ସୋମବାର ଏକ ଟ୍ରକ୍ ଜବତ କରିଛି। ଟ୍ରକ୍‌ଟି କଟକ ସଦର ଥାନା ଫୁଲନଖରା ଅଞ୍ଚଳରୁ ଗତ ୩ଦିନ ତଳେ ଚୋରି ହୋଇଥିଲା। ତେବେ ଟ୍ରକ୍‌ର ନମ୍ବର (ଓ.ଆର.୨୧ବି୨୩୭୧) ରହିଥିବାବେଳେ ଦୁର୍ବୃତ୍ତମାନେ ଏହାକୁ ଚୋରି କରିବା ପରେ ନମ୍ବରକୁ ବଦଳାଇ (ଓ.ଆର.୦୨ବି.ଏଲ୭୨୬୩) କରି ଦେଇଥିଲେ। କୌଣସି ସୂତ୍ରରୁ ଖବର ପାଇ ପୋଲିସ ଚଢାଉ କରି ଟ୍ରକ୍‌ଟିକୁ ଜବତ କରିବା ପରେ ଏହା ଚୋରାଗାଡ଼ି ବୋଲି ଜଣାପଡିଥିବା ପୋଲିସ କହିଛି।

# ଦୁର୍ନୀତି ବିରୋଧରେ ଭାଜପାର ରଣହୁଙ୍କାର

ଦଶରଥପୁର, ୫।୧୧(ଡି.ଏନ.ଏ.)

**ଦଶରଥପୁର ବ୍ଲକ୍ ଘେରାଉ, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**




ଭାଜପା ପକ୍ଷରୁ ଦଶରଥପୁର ବ୍ଲକ ସମ୍ମୁଖରେ ଆନ୍ଦୋଳନ କରାଯାଉଛି।

ଦୁର୍ନୀତି ବିରୋଧରେ ଭାଜପା ଦଶରଥପୁର ବ୍ଲକରେ ରଣହୁଙ୍କାର ଦେଇଛି। ପ୍ରଶାସନର ସ୍ୱଚ୍ଛତା ଏବଂ ପର୍ସେଣ୍ଟେଜ (ପିସି)ର ଅବସାନ ପାଇଁ ରାଜ୍ୟ ସରକାର କେବଳ ଡିଣ୍ଡିମ ପିଟୁଛନ୍ତି। ମାତ୍ର ଦୁର୍ନୀତି ଓ ପିସି କାରବାର ଏଠାରେ ଚରମ ସୀମାରେ ପହଞ୍ଚିଛି। ସୋମବାର ରାଜ୍ୟ ସରକାର ଓ ବ୍ଲକ ପ୍ରଶାସନର ବିଭିନ୍ନ ଦୁର୍ନୀତିକୁ ନେଇ ଭାଜପା ଦଶରଥପୁର ବ୍ଲକ ଘେରାଉ ଅବସରରେ କର୍ମୀମାନେ ଏହି ମତବ୍ୟକ୍ତ କରିଥିଲେ। ଜିଲା ଭାଜପା ସଭାପତି ଗୌତମ ରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ ଘରାଉରେ କର୍ମୀମାନେ ଆହୁରି ମଧ୍ୟ କହିଥିଲେ ଯେ, ଦଶରଥପୁର ବ୍ଲକର ବିଭିନ୍ନ ବିଭାଗକୁ ଆସୁଥିବା ବାର୍ଷିକ କୋଟି କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟର ସିଂହଭାଗ ବାଟମାରଣା ହେଉଛି। ଶାସକ ଦଳର ଛତ୍ରଛାୟା ତଳେ ରହି କେତେକ ନିର୍ଦ୍ଦିଷ୍ଟ ଠିକାଦାର ବ୍ଲକର ଉନ୍ନୟନ ଅର୍ଥକୁ ଯୋଜନାବଦ୍ଧ ଭାବେ ହଡ଼ପ କରୁଛନ୍ତି। ଫଳରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ହିତାଧିକାରୀ ପାଇ ପାରୁନାହାନ୍ତି। ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ସମସ୍ତେ ବିଜେଡି ନେତ୍ରୀଙ୍କ ଚାଟୁକାର ସାଜି ଭାଜପା ସମର୍ଥିତ ଖାନନଗର ସରପଞ୍ଚଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ନିଲମ୍ବିତ କରିଛନ୍ତି ବୋଲି ପ୍ରତିବାଦ ସଭାରେ ଭାଜପା ନେତାମାନେ ବିଷୋଦ୍‌ଗାର କରିଥିଲେ। ଏହି ପରିପ୍ରେକ୍ଷୀରେ ଝୁମ୍ପୁରୀ ବଜାରରୁ ଏକ ବିଶାଳ ଶୋଭାଯାତ୍ରାରେ ଭାଜପା କର୍ମୀମାନେ ଯାଇ ଦଶରଥପୁର ବ୍ଲକ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ଓ ପ୍ରତିବାଦ ସଭା କରିଥିଲେ। ଜିଲା ଭାଜପା ସଭାପତି ଗୌତମଙ୍କ ସଭାପତିତ୍ୱରେ ରାଜ୍ୟ ମହିଳା ଉପସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ବବିତା ମଲ୍ଲିକ, ବରିଷ୍ଠ ନେତା ଅମୀୟକାନ୍ତ ମଲ୍ଲିକ, ରମେଶ ସାମଲ, ସରୋଜ ବିଶ୍ୱାଳ, ସଞ୍ଜୟ ନାୟକ, ଆଗ୍ନେୟ ରାୟ ପ୍ରମୁଖ ଦଶରଥପୁର ବ୍ଲକରେ ହେଉଥିବା ବିଭିନ୍ନ ଦୁର୍ନୀତି ସମ୍ପର୍କରେ ବକ୍ତବ୍ୟ ରଖିବା ସହିତ ତାହାକୁ ନିନ୍ଦା କରିଥିଲେ। ସାଧାରଣ ସମ୍ପାଦକ ସୁଦିପ୍ତ ପଣ୍ଡା, ସମ୍ପାଦକ ସୁରୋଜଲାଲ ସାମଲ, ଧିରେନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମଣ୍ଡଳ ସଭାପତି ଶଶଧର ବେହୁରିଆ, ଶ୍ରୀନିବାସ ପରିଡା, ପ୍ରମୋଦ ପଣ୍ଡା, ପ୍ରଭାରୀ ପ୍ରଶେଷ ସୂତାର, ବିନୋଦ ଜେନା, ତରଣୀସେନ ପତି, ଅଶୋକ ବାରିକ, ମନୋଜ ପରିଡା, ମମତା କୁଅଁର, ପ୍ରଶାନ୍ତ ସାହୁ, ରଞ୍ଜିତ ଜେନା, ପ୍ରଜ୍ଞାରଞ୍ଜନ ତ୍ରିପାଠୀ, ଯଯାତି କେଶରୀ କଣ୍ଡ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ନେତୃତ୍ୱ ନେଉଥିଲେ। ସଭାପରେ ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦେଶ୍ୟରେ ଦଳ ତରଫରୁ ବିଡିଓଙ୍କୁ ଦିଆଯାଇଥିଲା। ଏହି ବିକ୍ଷୋଭରେ ୧୦ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ସାମିଲ ହୋଇଥିଲେ।

## ■ ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା

# ଥଳାବାଲାଙ୍କୁ ରାଶନ କାର୍ଡ, ବାଦ୍ ପଡ଼ିଛନ୍ତି ଗରିବ

ରସୁଲପୁର,୫।୧୧(ଡିଏନଏ)

**ରସୁଲପୁର ବ୍ଲକ**

■ଅନେକ ଧନୀ ଲୋକ ହାତେଇଛନ୍ତି ରାଶନ କାର୍ଡ

■ଗରିବ, ବିଧବା ପରିବାର ପାଇବାରୁ ବଞ୍ଚିତ

■ବାରମ୍ବାର ଅଭିଯୋଗ ପରେ ବି ଫଳ ଶୂନ

ରସୁଲପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନଗର ପଞ୍ଚାୟତରେ ରାଶନକାର୍ଡ ବଣ୍ଟନରେ ଅନିୟମିତତା ହୋଇଛି। ଏଠାରେ ଖାଦ୍ୟ ସୁରକ୍ଷା ଯୋଜନା ବାଟବଣା ହୋଇଛି। ରାଶନ କାର୍ଡ ବଣ୍ଟନରେ ରାପଞ୍ଚାୟତର କେତେଜଣ ଯୋଗ୍ୟ ହିତାଧିକାରୀ ରାଶନ କାର୍ଡ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ସେମାନେ ନ୍ୟାୟ ଆଶାରେ ଗତ ଜିଲାପାଳଙ୍କ ମହାସମାଧାନ ଶିବିରରେ ଅଭିଯୋଗ କରିଥିବା ଜଣାପଡ଼ିଛି। ଖାଦ୍ୟ ସୁରକ୍ଷା ଆଇନ-୨୦୧୫ କାର୍ଯ୍ୟକାରୀ ହେବା ବେଳେ କାର୍ଡ ପ୍ରଦାନରେ ହେର୍‌ଫେର ଘଟଣାକୁ ନେଇ ବ୍ଲକରେ ଏହି ପଞ୍ଚାୟତ ଚର୍ଚ୍ଚାକୁ ଆସିଥିଲା। ଗରିବ ପରିବାରଙ୍କୁ କାର୍ଡ ପାଇବାରୁ ବଞ୍ଚିତ କରାଯାଇଥିଲା। ଗୋଟିଏ ପରିବାରର ଏକାଧିକ ବ୍ୟକ୍ତିଙ୍କ ନାଁରେ କାର୍ଡ ଇସ୍ୟୁ କରାଯାଇଥିଲା। ଏହାକୁ ନେଇ ବ୍ଲକରୁ ଜିଲା ପର୍ଯ୍ୟନ୍ତ ଅଭିଯୋଗ ଲମ୍ବିଥିଲା। ଜିଲା ଯୋଗାଣ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଯୋଗାଣ ଅଧିକାରୀ ତଦନ୍ତ କରିବାକୁ ଆସିଥିଲେ। କେତେକ ସ୍ଥାନରେ ଅନିୟମିତତା ହୋଇଥିବା ନଜରକୁ ଆସିଥିଲା। ଏବେ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନା-୨୦୧୮ କାର୍ଯ୍ୟକାରୀ ହୋଇଛି। ଅକ୍ଟୋବର ୨ରୁ ନୂତନ କାର୍ଡଧାରୀଙ୍କୁ କାର୍ଡ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ ହୋଇଛି। ଏବେ ବିଭିନ୍ନ ସ୍ଥାନରେ ନୂତନ ହିତାଧିକାରୀଙ୍କୁ କାର୍ଡ ପ୍ରଦାନ କରାଯାଉଛି। ଗତ ବୁଧବାର ଏହି ପଞ୍ଚାୟତରେ ୧୧୭ ପରିବାରକୁ କାର୍ଡ ବଣ୍ଟନ କରାଯାଇଛି। ଏଥିରେ ଥଳାବାଲାଙ୍କୁ ରାଶନ କାର୍ଡ ମିଳିଥିବା ବେଳେ ଗରିବ ପରିବାରକୁ କାର୍ଡ ମିଳୁନି। ଏପରିକି ବିଧବା ପରିବାରଙ୍କୁ ଯୋଜନାରେ ସ୍ୱତଃ ଅନ୍ତର୍ଭୁକ୍ତ କରାଯିବାର ବିଧିକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଉକ୍ତ ପଞ୍ଚାୟତର ସସ୍ମିତା ରାଜ, ଭାରତୀ ସାହୁ, ସୋନାଲି ମହାରଣା, ସଂଯୁକ୍ତା ସାହୁ, ସରସ୍ୱତୀ ସାହୁ, ସିପ୍ରାମୟୀ ସାହୁ ଭଳି ଅନେକ ଯୋଗ୍ୟ ହିତାଧିକାରୀଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ ଦିଆଯାଇଛି। ଏ ନେଇ ଉକ୍ତ ପରିବାର ଲୋକେ ସେପ୍ଟେମ୍ବର ୨୫ରେ ବ୍ଲକରେ ଅଭିଯୋଗ କରିଥିଲେ। ଏହାପରେ ବି ସେମାନଙ୍କୁ ଯୋଜନାରେ ସାମିଲ କରାଯାଇ ନାହିଁ। କାର୍ଡ ବଣ୍ଟନକୁ ରାଜନୀତିକରଣ କରାଯାଉଛି। ପଞ୍ଚାୟତରୁ ଜାଣିଶୁଣି ତାଙ୍କ ପରିବାରର ନାଁକୁ ବାରମ୍ବାର ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉ ନାହିଁ ବୋଲି ଅଭିଯୋଗ କରିଛନ୍ତି। ଏ ଦିଗରେ ନ୍ୟାୟ ପାଇବା ପାଇଁ ଅବହେଳିତ ପରିବାରଗୁଡିକ ରସୁଲପୁର ବ୍ଲକରେ ଗତ ୨୨ ତାରିଖରେ ଆୟୋଜିତ ହୋଇଥିବା ଜିଲାପାଳଙ୍କ ମହାସମାଧାନ ଶିବିରରେ ପହଞ୍ଚି ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ସରପଞ୍ଚ ଗାୟତ୍ରୀ ସାହୁଙ୍କୁ ଅଭିଯୋଗକାରୀଙ୍କ ପରିବାର ସମ୍ପର୍କରେ ପଚାରିବାରୁ, ସେ ଅଭିଯୋକାରୀଙ୍କ ପରିବାରକୁ ଜାଣିପାରୁ ନାହାନ୍ତି ବୋଲି କହିବା ସହ ଏବେ ବି ପଞ୍ଚାୟତରେ କେତେଜଣ ଯୋଗ୍ୟ ପରିବାର କାର୍ଡ ପାଇବାକୁ ଅଛନ୍ତି ବୋଲି ସ୍ୱୀକାର କରିଛନ୍ତି। ସେମାନଙ୍କୁ ତୁରନ୍ତ କାର୍ଡ ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ପ୍ରକାଶ କରିଛନ୍ତି।



ସବୁ କଳହର ସୂତ୍ର ହେଉଛି - ଉଭୟ ପକ୍ଷରେ ଦୁର୍ବଳତା ଥାଏ।
- ଭଲ୍‌ଟାୟାର



## ସଂକ୍ଷେପରେ

### ଗହପାଳରେ ଫୁଟିଲା ବ୍ରହ୍ମକମଳ



ବରୀ,୫।୧୧(ସ୍ୱ.ପ୍ର.)- ପୁରାଣ ପ୍ରସିଦ୍ଧ ବିରଳ ବ୍ରହ୍ମ କମଳ ଫୁଲ ମୁଖ୍ୟତଃ ହିମାଳୟ ପାଦଦେଶରେ ପ୍ରସ୍ଫୁଟିତ ହୋଇଥାଏ। ହେଲେ ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ ଅଟୀରା ପଂଚାୟତ ଗହପାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ବାରିକଙ୍କ ଚଉଁରା ମୂଳେ ବ୍ରହ୍ମକମଳ ଫୁଟିଥିବା ଦେଖିବାକୁ ମିଳିଛି। ଏହି ଫୁଲ ଦେଖିବା ପାଇଁ ଗହପାଳ ଓ ଆଖାପାଖ ଗ୍ରାମର ଶତାଧିକ ଲୋକ ଜମା ହୋଇଥିଲେ। ଦ୍ୱାପର ଯୁଗରେ ଦ୍ରୌପଦୀଙ୍କ ପାଇଁ ଏହି ଫୁଲ ପାଇଁ ଭୀମ ହିମାଳୟକୁ ଯାତ୍ରା କରିଥିଲେ। ସେତେବେଳେ ଏହି ପୁଷ୍ପ ଦ୍ୱାରା ଜଳ ଛିଞ୍ଚନ କରି ଜୀବନ୍ୟାଶ ଦେଇଥିବା କିମ୍ବଦନ୍ତୀ ରହିଛି।

### ଦୁର୍ଘଟଣାରେ ଜଣେ ମୃତ

ଯାଜପୁରରୋଡ/କୋରେଇ,୫।୧୧ (ନି.ପ୍ର./ସ୍ୱ.ପ୍ର.)- ୨୦ନଂ. ଜାତୀୟ ରାଜପଥର ଆଲିଆ ଛକ ନିକଟରେ ସୋମବାର ଟ୍ରକ୍ ଓ ଟାଟା ମ୍ୟାଜିକ୍ ଧକ୍କାରେ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଛି। ସେ ହେଲେ କେନ୍ଦୁଝର ଜିଲାର ବାବୁରାମ ମହାନ୍ତି। ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକାଶ ଯେ, ରାସ୍ତା କଡ଼ରେ ଏକ ଟ୍ରକ୍ ଛିଡ଼ା ହୋଇଥିବା ବେଳେ ଟାଟା ମ୍ୟାଜିକ୍ ତାକୁ ପଛପଟୁ ଧକ୍କା ଦେଇଥିଲା।

### ପୃଥକ୍ ପୃଥକ୍ ଦୁର୍ଘଟଣାରେ ୩ ଗୁରୁତର

ରଗଡ଼ି,୫।୧୧(ଡି.ଏନ୍.ଏ)- ବ୍ୟାସନଗର ପୌର ପରିଷଦର କନ୍ହେଇପୁର ସେଣ୍ଟ ମ୍ୟାରୀ ସ୍କୁଲ ନିକଟରେ ସୋମବାର ପରିବା ଦୋକାନ ଉପରେ ଏକ ଟାଟା ଏସି ମାଡ଼ିଯିବାରୁ ପରିବା ଦୋକାନୀ ଗୁରୁତର ହୋଇଥିଲେ। ଗୁରୁତର ଜଣକ ହେଲେ ଚାନ୍ଦାମା ଗ୍ରାମର ପଦ୍ମନାଭ ସେଠୀ(୪୫)। ସ୍ଥାନୀୟଲୋକେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ପ୍ରକାଶ ଯେ, ପଦ୍ମନାଭ କେବିନ୍‌ରେ ପରିବା ବିକୁଥିବା ସମୟରେ ଏକ ଟାଟା ଏସି ଭାରସାମ୍ୟ ହରାଇ କେବିନ୍ ଭିତରକୁ ମାଡିଯାଇଥିଲା । ଫଳରେ ପଦ୍ମନାଭଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ସେ ଗୁରୁତର ହୋଇଥିଲେ। ସେହିପରି ୨୦ନଂ ଜାତୀୟ ରାଜପଥ ନିକଟରେ ସୋମବାର ଏକ ଗାଈ ମୋଟର ସାଇକେଲରେ ପିଟି ହେବା ଫଳରେ ପଦ୍ମନାଥ ନାଥ, ପ୍ରଶାନ୍ତ ସାହୁ ଗୁରୁତର ହୋଇ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭର୍ତ୍ତି ହୋଇଥିଲେ । ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି ।

### ପୂର୍ତ୍ତ ବିଭାଗ ରାସ୍ତାର ଶିଳାନ୍ୟାସ କଲେ ବିଧାୟକ

ଚଣ୍ଡିଖୋଲ, ୫।୧୧(ଡି.ଏନ୍.ଏ.) - ବଡ଼ଚଣା ବ୍ଲକ ଅନ୍ତର୍ଗତ ଦର୍ପଣଠାରେ ୫ କୋଟି ଟଙ୍କା ବ୍ୟୟ ଅଟକଳରେ ସୋମବାର ପୂର୍ତ୍ତବିଭାଗ ଦ୍ୱାରା ଦର୍ପଣଠାରୁ ସିହା, ସମିଆ ଓ ଶାଳପଡ଼ା ରାସ୍ତାର ଉନ୍ନତୀକରଣ ପାଇଁ ଶିଳାନ୍ୟାସ ହୋଇଯାଇଛି। ସରକାରୀ ମୁଖ୍ୟ ସଚେତକ ତଥା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। ଏହି ଅବସରରେ ବଡ଼ଚଣାର ସିହାଠାରେ ନିର୍ମିତ ହେଉଥିବା ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସକୁ ଉକ୍ତ ରାସ୍ତା ସଂଯୋଗ କରିବ। ଏଥିସହ ଉନ୍ନତ ଯାତାୟାତ ବ୍ୟବସ୍ଥା ହେଲେ ଆଞ୍ଚଳିକ ସମାନତା ସହିତ ଆର୍ଥିକ ଓ ପର୍ଯ୍ୟଟନର ବିକାଶ ହେବ ବୋଲି ଶତପଥୀ କହିଥିଲେ। ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ସେନାପତିଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ତପନ କୁମାର ଗଡ଼ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ୬ କିମି ୬ ଶହ ମିଟର ଲମ୍ବ ଏହି ରାସ୍ତା ୭ ମିଟର ଚଉଡ଼ା ହେବା ସହ ୨୦୧୯ ଏପ୍ରିଲ ଶେଷ ସୁଧା କାର୍ଯ୍ୟ ସମାପ୍ତ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ ବିଶ୍ୱାଳ, ସହକାରୀଯନ୍ତ୍ରୀ ସଚ୍ଚିଦାନନ୍ଦ ଜେନା, ଅରବିନ୍ଦ ସାମଲ, ବିନୋଦିନୀ ସାହୁ, ଭାଗ୍ୟଧର ମଳିକ, ଗଣେଶ୍ୱର ବରାଳ, ମାନସୀ ଜେନା, ମୋନାଲିସା ତରାଇ, ଯଯାତି କେଶରୀ ରାଉତ, ଜଗନ୍ନାଥ ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ।

## ଦିନକ ପରେ ଦୀପାବଳି

# ବେଧଡ଼କ ଚାଲିଛି ବେଆଇନ ବାଣ ବେପାର

ରସୁଲପୁର,୫।୧୧(ଡିଏନଏ)



**ରସୁଲପୁର ବ୍ଲକ**

- କୁଆଖିଆ ଥାନା ଅଞ୍ଚଳରେ ମାତ୍ର ୭ଜଣଙ୍କୁ ବାଣ ବିକ୍ରି ପାଇଁ ମିଳିଛି ଅନୁମତି
- ୭୦ରୁ ଉର୍ଦ୍ଧ୍ୱ ସ୍ଥାନରେ ରହିଛି ବେଆଇନ ବାଣ ଦୋକାନ
- ଲଗାମ ଲଗାଇବାରେ ପ୍ରଶାସନ ବିଫଳ

ଆଉ ମାତ୍ର ଦିନକ ପରେ ଦୀପାବଳି। ଦୀପ, ଆଲୋକ, ବାଣରେ ଆଲୋକିତ ଓ ପ୍ରକମ୍ପିତ ହେବ ଚାରିଦିଗ। ଏ ନେଇ ଚାରିଆଡ଼େ ଜୋରଦାର ପ୍ରସ୍ତୁତି ଚାଲିଛି। ଏହା ସହିତ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବାଣ କାରବାର ମଧ୍ୟ ଖୁଲମ୍‌ଖୁଲା ଚାଲିଛି। କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ବ୍ଲକ ଅଞ୍ଚଳରେ ଏଭଳି ବ୍ୟବସାୟ ବ୍ୟାପକ ମାତ୍ରାରେ ଦେଖିବାକୁ ମିଳିଛି। ଏହି ବେଆଇନ କାରବାରରେ ଅଙ୍କୁଶ ଲଗାଇବାରେ ପ୍ରଶାସନ ବିଫଳ ହୋଇଛି। ବେଆଇନ ବାଣ କାରବାର ପଛରେ ଉପରୁ ତଳସ୍ତର ଅଧିକାରୀଙ୍କ ପ୍ରୋତ୍ସାହନ ରହିଛି ବୋଲି କୁହାଯାଉଛି। ବାଣ ବ୍ୟବସାୟୀଙ୍କଠାରୁ ମୋଟା ଅଙ୍କର ହାତଗୁଞ୍ଜା ନେଇ ବଜାରରୁ ଗାଁ ଗଣ୍ଡା ପର୍ଯ୍ୟନ୍ତ ବେଆଇନ କାରବାରକୁ ଅଣଦେଖା କରୁଥିବା ଅଭିଯୋଗ ହୋଇଛି। ବିଭିନ୍ନ ସ୍ଥାନରେ ବାଣ ବ୍ୟବସାୟୀମାନେ ଚଢ଼ା ଦରରେ ବାଣ ବିକ୍ରି କରି ଗ୍ରାହକଙ୍କୁ ଶୋଷଣ କରୁଛନ୍ତି। ଏ ଦିଗରେ ରହିଥିବା ଆଇନ କେବଳ ଫାଇଲରେ ସମୀତ ରହିଥିବା ଦେଖିବାକୁ ମିଳିଛି।

ଚଳିତଥର ଦିପାବଳୀ ଅବସରରେ ମନଇଚ୍ଛା ବାଣ ଫୁଟିବା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଅଙ୍କୁଶ ଲଗାଇଛନ୍ତି। ପରିବେଶ ଓ ଶବ୍ଦ ପ୍ରଦୂଷଣ ରୋକିବା ପାଇଁ ଦୀପାବଳି ଦିନ ୨ଘଣ୍ଟା ବାଣ ଫୁଟାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟଙ୍କ ଏହି ନିର୍ଦ୍ଦେଶ କଡ଼ାକଡ଼ି ଲାଗୁ ହେବା ନେଇ ସନ୍ଦେହ ଉପୁଜିଛି। କୋର୍ଟଙ୍କ ନିର୍ଦ୍ଦେଶ ବାଣ ବ୍ୟବସାୟକୁ ପ୍ରଭାବିତ କରିପାରି ନାହିଁ। ପୂର୍ବବର୍ଷ ଭଳି ଚଳିତ ବର୍ଷ ବି ବିଭିନ୍ନ ହାଟ ବଜାରରେ ବାଣ ବ୍ୟବସାୟ ଜମୁଥିବା ଲକ୍ଷ୍ୟ କରାଯାଉଛି। କୁଆଖିଆ ଥାନା ଅଧୀନ ଅନ୍ୟୁନ ୨୦ଟି ପଞ୍ଚାୟତର କୁଆଖିଆ, ମଧୁବନ, ହରିପୁର, ନଠୁଆବର, କଲଣ ଆଦି ସ୍ଥାନରେ ବଡ ବଡ ବଜାର ରହିଛି। ସମଗ୍ର ଥାନା ଅଞ୍ଚଳରେ ବାଣ ବ୍ୟବସାୟ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ୭ଜଣ ବ୍ୟବସାୟୀଙ୍କୁ ଅନୁମତି ଦିଆଯାଇଛି। ତାହା ପୁଣି ଆଲୋକମାଳା ସୃଷ୍ଟି କରିବା ସହ କମ୍ ଶବ୍ଦ ସୃଷ୍ଟିକାରୀ ବାଣ କିଣି କାରବାର କରିପାରିବେ। ମାତ୍ର ଏହି ଅଞ୍ଚଳରେ ୭୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବାଣ ଦୋକାନ ରହିଛି। ବାଣ ବ୍ୟବସାୟୀମାନେ ରାସ୍ତା କଡରେ ଖୁଲମ୍‌ଖୁଲା ବ୍ୟବସାୟ କରୁଛନ୍ତି । ଲାଇସେନ୍ସ ମିଳିଥିବା ବ୍ୟବସାୟୀମାନେ ଅନୁମିତିଠାରୁ ଅଧିକ ଶବ୍ଦ ସୃଷ୍ଟିକାରୀ ବାଣ (ଗୋଲା, ଚାଇନା ଝାଡ, ବକ୍ସ ବାଣ, ନଡିଆ ବମ, ହାବେଳି ବାଣ, ରକେଟ, ବମ୍ ଆଦି) ଗୁଡ଼ିକୁ ବର୍ଷ ତମାମ ବ୍ୟବସାୟ କରୁଛନ୍ତି । ଏଥିପ୍ରତି ପୋଲିସ ପ୍ରଶାସନ ନଜର ପଡୁନାହିଁ। ବାଣ ବଜାରରେ ଚାଇନା ସାମଗ୍ରୀର ପ୍ରଭାବ ଦେଖିବାକୁ ମିଳିଛି। ବଜାରରେ ସ୍ୱଦେଶୀ ସାମଗ୍ରୀ ଉପରେ ଗୁରୁତ୍ୱ ଦେବା ପ୍ରୟାସ ମଳିନ ପଡ଼ିଯାଇଛି। ଗ୍ରାହକଙ୍କର ଚାଇନା ପ୍ରୀତି କମୁ ନ ଥିବା ବେଳେ ଏଥିପ୍ରତି କାହାରି ଦୃଷ୍ଟି ରହୁନାହିଁ ଏହି ଥାନା ଅଧିନସ୍ଥ ଖୋସାଲପୁର, ସଦାନନ୍ଦପୁର, ମଧୁବନ, ହରିପୁର ପ୍ରଭୃତି ସ୍ଥାନରେ ବାଣ ପ୍ରସ୍ତୁତକାରୀ କାରଖାନା ରହିଛି । ଏଠି ଗାଁ ଗଣ୍ଡାରେ ଲୋକେ ବିନା ଅନୁମତିରେ ବାଣ ପ୍ରସ୍ତୁତ କରୁଛନ୍ତି। ଏ ସବୁ ପ୍ରଶାସନିକ ଅଧିକାରୀଙ୍କ ଜାଣତରେ ଚାଲିଥିବା କୁହାଯାଉଛି। ହେଲେ ପୋଲିସ ପ୍ରଶାସନ ଦିପାବଳୀ ଦିନ ଛୋଟମୋଟ ଦୋକାନୀଙ୍କ ଉପରେ ଚଢାଉ କରି ବାହାବାହା ନେଉଥିବାର ପୁରୁଣା ରେକର୍ଡ ରହିଛି। ମାତ୍ର ବଡ ବ୍ୟବସାୟୀଙ୍କର ଆଇନ ବହିର୍ଭୂତ କାର୍ଯ୍ୟକୁ ଅଣଦେଖା କରାଯାଉଛି। ଏ ଦିଗରେ ଥାନା ଅଧିକାରୀ ଆଶିଷ ସାହୁଙ୍କୁ ପଚାରିବାରୁ, ଖୋସାଲପୁର ଗାଁରେ ବାଣ ତିଆରି କାରଖାନା ଉପରେ ଚଢାଉ କରାଯାଇଥିଲା। ସେ ଗାଁର ବାଣ ବ୍ୟବସାୟୀଙ୍କ ଲାଇସେନ୍ସ ରଦ୍ଦ କରିଦିଆଯାଇଛି। ଏହାଛଡା ପୋଲିସ ବାହିନୀ କେତେକ ସଙ୍ଗୀନ ପ୍ରସଙ୍ଗର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ବ୍ୟସ୍ତ ରହିଛନ୍ତି। ସେଥିରୁ ସାମାନ୍ୟ ବିରତି ମିଳିଲେ ବେଆଇନ ବାଣ କାରବାର ଉପରେ ନଜର ଦେବେ ବୋଲି ପ୍ରକାଶ କରିଛନ୍ତି।

## ବ୍ଲକସ୍ତରୀୟ ଭିଡିଓ କନ୍‌ଫରେନ୍ସିଂ ଉଦ୍‌ଘାଟିତ

କୋରେଇ,୫।୧୧(ସ୍ୱ.ପ୍ର.)



ବ୍ଲକ ସଭାଗୃହରେ ଆୟୋଜିତ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ ।

ସମଗ୍ର ରାଜ୍ୟରେ ବ୍ଲକସ୍ତରୀୟ ଭିଡିଓ କନ୍‌ଫରେନ୍ସିଂ କାର୍ଯ୍ୟକ୍ରମ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏ ନେଇ ସନ୍ଧ୍ୟାରେ କୋରେଇ ବ୍ଲକ ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କୋରେଇ ବ୍ଲକ୍ ଓ ବ୍ୟାସନଗର ପୌରପରିଷଦର ବିଭିନ୍ନ ପ୍ରତିଯୋଗୀତାରେ ଶ୍ରେଷ୍ଠ ବିବେଚିତ ହୋଇଥିବା ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକଙ୍କ ସହ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବାର୍ତ୍ତାଳାପ କରିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ କୋରେଇ ବ୍ଲକ୍ ତୁଳସୀପୁରସ୍ଥିତ ପିଏନ୍ ପ୍ରାଥମିକ ବିଦ୍ୟାଳୟ, ଜହ୍ନା ପଞ୍ଚାୟତର ସଦାନନ୍ଦ ଉଚ୍ଚ ବିଦ୍ୟାଳୟ ଓ ରଙ୍ଗରଙ୍ଗାସ୍ଥିତ ପ୍ରହଲ୍ଲାଦ ଉଚ୍ଚ ବିଦ୍ୟାଳୟ ସମେତ ବ୍ୟାସନଗର ପୌରପରିଷଦର ମଧୁସୂଦନ ନଗରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରକୁ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ଚୟନ କରାଯାଇଛି। ବ୍ଲକ୍‌ର ମୋଟ ୧୦୦ ଜଣ ଓ ପୌରପରିଷଦର ୫୦ ଜଣଙ୍କୁ ମେଧାବୃତ୍ତି ପାଇଁ ଚୟନ କରାଯାଇଥିବା ବେଳେ କୋରେଇ ବ୍ଲକ୍‌ରେ ୧୦ ଜଣଙ୍କୁ ଓଡ଼ିଆ ଭାଷାବୃତ୍ତି ଓ ବ୍ୟାସନଗର ପୌରାଞ୍ଚଳର ୫ ଜଣଙ୍କୁ ଓଡ଼ିଆ ଭାଷାବୃତ୍ତି ପାଇଁ ଚୟନ କରାଯାଇଛି। ଜିଲାସ୍ତରୀୟ ମେଧାବୃତ୍ତି ପ୍ରତିଯୋଗୀତାରେ କୋରେଇ ବ୍ଲକ୍ ଅନ୍ତର୍ଗତ ଶ୍ରେଷ୍ଠ ବିଦ୍ୟାଳୟ ଚୟନ ହୋଇଥିବା ବିଦ୍ୟାଳୟକୁ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ବେଳେ ଜିଲାସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ୧୦ ହଜାର ଲେଖାଏ ଏବଂ ବ୍ଲକ୍‌ସ୍ତରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ୫ ହଜାର ଲେଖାଏ ପୁରସ୍କାର ଦେବାକୁ ଘୋଷଣା କରିଥିଲେ। କୋରେଇ ବିଡ଼ିଓ ହେମନ୍ତ କୁମାର ବିହାରୀଙ୍କ ସମେତ ବ୍ଲକ୍ ଶିକ୍ଷାମଣ୍ଡଳ ଅଧିକାରୀ ସୁଶାନ୍ତ କୁମାର ଶତପଥୀ, ଏବିଇଓ ଅକ୍ଷୟ କୁମାର ଧଳ, ଏପିଓ ରବିନାରାୟଣ ସାହୁ, ସହକାରୀ ଯନ୍ତ୍ରୀ ମନୋଜ କୁମାର ସେନାପତିଙ୍କ ସମେତ ସରପଞ୍ଚ ସୌଭାଗ୍ୟ ମହାନ୍ତି, ରୁନୁ ଭୁୟାଁ, ନିର୍ମଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି ।

## ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଚଣ୍ଡିଖୋଲ/ଛତିଆ, ୫।୧୧(ଡି.ଏନ୍.ଏ.)– ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ସୋଲରଠାରେ ଥିବା ସେବକ ଜରାନିର୍ବାସର ଜଣେ ଅନ୍ତେବାସୀଙ୍କ ସୋମବାର ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ମୃତ ଅନ୍ତେବାସୀଙ୍କ ବୟସ ପାଖାପାଖି ୬୦ରୁ ଉର୍ଦ୍ଧ୍ୱ ହେବ। ଛତିଆ ବିଟ୍ ହାଉସ୍ ପୋଲିସ ମୃତ ଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତକ ଜଣଙ୍କ ମୁକ ଓ ବଧିର ହୋଇଥିବାବେଳେ ଦୀର୍ଘ ୩ ବର୍ଷ ହେବ ଜରାଶ୍ରମରେ ରହି ଆସୁଥିଲେ। ତାଙ୍କୁ ଟାଙ୍ଗି ବନ୍ଧାଳ ଅଞ୍ଚଳର କେତେକ ଯୁବକ ଉଦ୍ଧାର କରି ସେବକ ଜରାନିର୍ବାସରେ ଛଡ଼ିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଜରାନିର୍ବାସ ତଥା ସେବକର ସଭାପତି ସୁରେଶ କୁମାର ବିଶ୍ୱାଳଙ୍କୁ ପଚାରିବାରୁ ଜରାନିବାସରେ ବିଭିନ୍ନ ଦିଗରୁ ଚାପ ଯୋଗୁ ଆବଶ୍ୟକତାଠାରୁ ଅଧିକ ସଂଖ୍ୟକ ଅସହାୟମାନଙ୍କୁ ଜରାନିବାସରେ ରଖାଯାଉଛି। ସେମାନଙ୍କ ମଧ୍ୟରୁ ସମସ୍ତଙ୍କ ପରିଚୟ ମିଳିପାରି ନ ଥାଏ ବୋଲି ସେ କହିଛନ୍ତି।

## ନାବାଳିକା ଉଦ୍ଧାର, ଅପହରଣକାରୀ କୋର୍ଟ ଚାଲାଣ

କୋରେଇ,୫।୧୧(ସ୍ୱ.ପ୍ର.) ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ପାଣିକୋଇଲି ପୋଲିସ ସୋମବାର ଅପହରଣକାରୀଙ୍କୁ କୋର୍ଟ ଚାଲାଣ କରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଛି। ଅଭିଯୁକ୍ତ ହେଲେ ମାର୍କଣ୍ଡପୁର ଗ୍ରାମର ଶିବାନନ୍ଦ ଜେନା(୨୦)। ନାବାଳିକାଙ୍କ ବୟାନ ରେକର୍ଡ ପରେ ଶିବାନନ୍ଦଙ୍କୁ ଜେଲ୍ ପଠାଇ ଦିଆଯାଇଛି। ଗତ ୫ ଦିନ ପୂର୍ବେ ଶିବାନନ୍ଦ ପାଣିକୋଇଲି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରିଥିଲେ। ଏ ନେଇ ନାବାଳିକାଙ୍କ ପରିବାର ପକ୍ଷରୁ ପାଣିକୋଇଲି ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(୭୪/୧୮) ରୁଜୁ କରିଥିଲା।

## ୪ର୍ଥ ଦିନରେ ଇଙ୍ଗ୍ରା ଖଣିରେ ଶ୍ରମିକ ଆନ୍ଦୋଳନ

# ବଢ଼ୁଛି ଦାବି ସଂଖ୍ୟା, ବାହାରୁନି ସମାଧାନର ପନ୍ଥା

କାଳିଆପାଣି, ୫।୧୧(ଡି.ଏନ୍.ଏ.)

ଇଙ୍ଗ୍ରା ଭୂତଳ ଖଣିରେ ଶ୍ରମିକ ଆନ୍ଦୋଳନ ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ଗତ ଶୁକ୍ରବାରଠାରୁ ଶ୍ରମିକମାନେ ବିଭିନ୍ନ ଦାବିରେ ଖଣି ଗେଟ୍ ସମ୍ମୁଖରେ ଧାରଣାରେ ବସିଛନ୍ତି। ଗତ ବୁଧବାର ଭୂତଳ ଖଣିରେ ମାଟି ଅତଡା ଖସି ୩ କର୍ମଚାରୀ ଗୁରୁତର ହୋଇଥିଲେ। ଏହାକୁ ନେଇ ଖଣିରେ ସୁରକ୍ଷା ସହ ଅନ୍ୟାନ୍ୟ ଦାବି ନେଇ ସଂଘ ଧାରଣାରେ ବସିଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି ସମାଧାନ ବାହାରି ପାରି ନାହିଁ। ତେବେ ସଂଘ ପକ୍ଷରୁ ପ୍ରତିଦିନ ଦାବି ସଂଖ୍ୟା ବୃଦ୍ଧି କରାଯାଉଥିବାରୁ ସମାଧାନ ବାଟ ବାହାରି ପାରୁ ନ ଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଖଣିର ଶ୍ରମିକଙ୍କୁ ସୁରକ୍ଷା, ରାତ୍ରିକାଳୀନ ଅବସର ସମୟ, ସୁରକ୍ଷା ଅଧିକାରୀ ନିଯୁକ୍ତି ଦାବି ସଂଘ ପ୍ରଥମରୁ କରିଥିଲା। ଏବେ ସଂଘ ପକ୍ଷରୁ ଭୂତଳ ଖଣିରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଆବଶ୍ୟକ ମୁତବାକ ଅମ୍ଳଜାନ ପ୍ରଦାନ, ସିଏସ୍‌ଆର କାମର ବାର୍ଷିକ ବିବରଣୀ ସୁକିନ୍ଦା ବିଧାୟକଙ୍କୁ ପ୍ରଦାନ, ନାରାୟଣୀ ଠିକାଦାର କର୍ମଚାରୀଙ୍କୁ ରାତ୍ରିକାଳୀନ ଭତ୍ତା ପ୍ରଦାନ, ଦରମାର ୧୦ ପ୍ରତିଶତ ବୃଦ୍ଧି, ୫୦ ଜଣ ଲୋଡ଼ିଂ କର୍ମଚାରୀଙ୍କୁ ନିଯୁକ୍ତି ଓ ଖଣିରେ କାର୍ଯ୍ୟରତ କର୍ମଚାରୀଙ୍କ ମୃତ୍ୟୁରେ ୨୦ ଲକ୍ଷ ଟଙ୍କା ପରିବାରକୁ ପ୍ରଦାନ ସହ ପରିବାରର ଜଣଙ୍କୁ ସ୍ଥାୟୀ ଚାକିରି ପ୍ରଦାନ ଆଦି ବିଭିନ୍ନ ଦାବି କରାଯାଇଛି। ସୋମାବାର ଉପସଭାପତି ସୁଧାଂଶୁ ପାଟନୀ, ମାନବ ସମ୍ବଳ ପରିଚାଳକ ଗିରିଶ ପଟ୍ଟନାୟକ, ପ୍ରଶାସନିକ ଅଧିକାରୀ ଶୁଭାଶଷ ପଟ୍ଟନାୟକ, ଲୋକସମ୍ପର୍କ ପରିଚାଳକ ଜଗନ ମୋହନ ମଲ୍ଲିକଙ୍କ ସହ ଶ୍ରମିକ ସଂଘ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ସଂଘର ଉପଦେଷ୍ଟା ଭଗବତୀ ମହାନ୍ତ, ପ୍ରଭାତ ପ୍ରଧାନଙ୍କ ସହ ଇଙ୍ଗ୍ରାର ଶାଖା ସଭାପତି ଓ ସମ୍ପାଦକଙ୍କୁ ନେଇ ଖଣି କାର୍ଯ୍ୟାଳୟରେ ଏକ ବୈଠକ ହୋଇଥିଲା। ତେବେ ବୈଠକରେ କମ୍ପାନୀ କର୍ତ୍ତୃପକ୍ଷ ସଂଘର ଅବଶିଷ୍ଟ ଦାବିକୁ ମାନି ନେଇଥିବା ବେଳେ ମୃତ୍ୟୁକାଳୀନ ୨୦ ଲକ୍ଷ ଟଙ୍କା ପ୍ରଦାନ ଦାବିକୁ ଗ୍ରହଣ କରି ନ ଥିଲେ। ଫଳରେ ବୈଠକ ବିଫଳ ହେବାରୁ ଧାରଣା ବଳବତର ରହିବ ବୋଲି ଶ୍ରମିକ ନେତା ନାରାୟଣ ଚନ୍ଦ୍ର ଧୀର କହିଛନ୍ତି ।



ସଂଘ କର୍ମକର୍ତ୍ତା କମ୍ପାନୀ କର୍ତ୍ତୃପକ୍ଷ ଓ ଅନ୍ୟମାନଙ୍କ ସହ ଆଲୋଚନା କରୁଛନ୍ତି ।

## ୫ ଅନାଥ ଶିଶୁଙ୍କୁ ଫେରାଇଦେଲା ଜିଲା ଶିଶୁ ମଙ୍ଗଳ ବିଭାଗ

ଯାଜପୁରରୋଡ,୫।୧୧(ନି.ପ୍ର.) ଶିଶୁଙ୍କୁ ସୁରକ୍ଷା ଦେବାପାଇଁ ଓ ସେମାନଙ୍କ ଭବିଷ୍ୟତ ଗଢ଼ିବା ପାଇଁ ରାଜ୍ୟ ସରକାର ଅଙ୍ଗୀକାରବଦ୍ଧ ହୋଇଥିବାବେଳେ ଯାଜପୁର ଜିଲା ଶିଶୁ ମଙ୍ଗଳ ବିଭାଗ ସୋମବାର ୫ ଅନାଥ ଶିଶୁଙ୍କୁ ଫେରାଇ ଦେଇଛି। ଏ ନେଇ ଜନ ଅସନ୍ତୋଷ ଦେଖାଦେଇଛି। ଯାଜପୁରରୋଡର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶ୍ରୀଜଗନ୍ନାଥ ସେମା ସମିତି ୧୫ ଦିନ ତଳେ ଚୁନଭାଟି ଅଞ୍ଚଳରୁ ୫ ଅନାଥ ଶିଶୁଙ୍କୁ ଠାବ କରିଥିଲା। ସେମାନେ ହେଲେ ବର୍ଷା ସିଂ (୧୦), ଆଶା ସିଂ (୭), ସୁକାନ୍ତି ବେହେରା (୯), ସ୍ୱପ୍ନା ହେମ୍ବ୍ରମ୍ (୧୦), ଈଶ୍ୱର ହେମ୍ବ୍ରମ (୧୦)। ପରେ ଏ ନେଇ ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।ତାଙ୍କ କଥା ଅନୁସାରେ ସମିତି ସଭ୍ୟ ଚନ୍ଦ୍ରପ୍ରକାଶ ଜୈନ ସୋମବାର ଶିଶୁ ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଶିଶୁଙ୍କୁ ହସ୍ତାନ୍ତର ପାଇଁ ଯାଇଥିଲେ। ହେଲେ କାଗଜପତ୍ର ଦେଲେ ତାଙ୍କୁ ଗ୍ରହଣ କରାଯିବ ବୋଲି ଶିଶୁ ମଙ୍ଗଳ ଅଧିକାରୀ କହିଥିଲେ। ଅନାଥ ଶିଶୁଙ୍କ କାଗଜପତ୍ର କେଉଁଠୁ ଆସିବ ବୋଲି ସଭ୍ୟ ଜୈନ ପ୍ରଶ୍ନ କରିଥିଲେ। ହେଲେ ଶିଶୁ ମଙ୍ଗଳ ଅଧିକାରୀ କୌଣସି କଥା ନ ଶୁଣି ଶିଶୁଙ୍କୁ ଫେରାଇ ଦେଇଥିଲେ। ସେମାନଙ୍କ ଭବିଷ୍ୟତ ପାଇଁ ସମିତି ପକ୍ଷରୁ ସହଯୋଗ କରାଯିବ ବୋଲି ଚନ୍ଦ୍ରପ୍ରକାଶ ଜୈନ, ଶକ୍ତି ମହାନ୍ତି, ହିମାଂଶୁ ନାୟକ ପ୍ରମୁଖ କହିଛନ୍ତି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରେ, ଏ ବିଷୟରେ ତାଙ୍କୁ କେହି ଅବଗତ କରି ନ ଥିଲେ । ଏବେ ଖବର ପାଇଛନ୍ତି । ତଦନ୍ତ କରାଯାଇ ସେମାନଙ୍କୁ ଶିଶୁ ପରିଚର୍ଯ୍ୟା ଆଶ୍ରମରେ ରଖାଯିବ । ଏ ନେଇ ସେ ଶିଶୁ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ନିଜେ ତଦନ୍ତ କରି ନିୟମ ଅନୁଯାୟୀ ଶିଶୁଙ୍କୁ ଥଇଥାନ କରିବେ ବୋଲି କହିଛନ୍ତି।

## ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ

ଯାଜପୁରରୋଡ,୫।୧୧(ନି.ପ୍ର.)

ଚୋରଦା ଜେଇଙ୍କ ବଦଳି ଓ ଅନ୍ୟାନ୍ୟ ଦାବିରେ ବିଦ୍ୟୁତ୍ ଶ୍ରମିକ ଏକତା ମଞ୍ଚ ପକ୍ଷରୁ ସୋମବାର ୫ ଜଣ ନେସକୋ ପରିଚାଳିତ ଯାଜପୁରରୋଡ ବିଦ୍ୟୁତ ଡିଭିଜନର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରାଯିବା ସହ ଧାରଣା ଦିଆଯାଇଛି। ଏହି ଧାରଣା ୧୫ଦିନ ଧରି ଚାଲୁ ରହିଥିଲେ ମଧ୍ୟ ନେସକୋ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ଶ୍ରମିକ ଏକତା ମଞ୍ଚ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଯାଜପୁରରୋଡ ବିଦ୍ୟୁତ ଡିଭିଜନ ଚୋରଦା ବିଭାଗର ଜେଇଇ ଦିଲୀପ କୁମାର ସାହୁ ଲାଇନ ମ୍ୟାନ ଓ ହେଲପରଙ୍କ ପ୍ରତି ଦୁର୍ବ୍ୟବହାର କରିଥିଲେ। ଏହାର ପ୍ରତିବାଦରେ ଗତ ୨୧ତାରିଖଠାରୁ ଡିଭିଜନ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ନେସକୋ କର୍ତ୍ତୃପକ୍ଷ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ, ଯାଜପୁରରୋଡ ଥାନା ଭାରପ୍ରାପ୍ତ ଅଫିସର ଅମିତାଭ ମହାପାତ୍ର ଓ ବ୍ୟାସନଗର ତହସିଲଦାରଙ୍କ ସହ ଏ ସମ୍ପର୍କରେ ଆଲୋଚନା ମଧ୍ୟ ହୋଇଥିଲା। ହେଲେ ଯନ୍ତ୍ରୀଙ୍କୁ ବଦଳି କରିବାର ନିର୍ଭର ପ୍ରତିଶ୍ରୁତି ନ ପାଇବାରୁ ଶ୍ରମିକମାନେ ସୋମବାର ଆମରଣ ଅନଶନ କରିବା ସହ ଗଣଧାରଣା ଦେଇଛନ୍ତି। ଅନନ୍ତ ପ୍ରଧାନ, ଶ୍ୟାମସୁନ୍ଦର ଭୁଟିଆ, ବିଶ୍ୱରଞ୍ଜନ ଭୁଟିଆ, ଶିବପ୍ରସାଦ ନାଥ, ତାୟୁଦ ଖାନ ପ୍ରମୁଖ ଅନଶନରେ ବସିଛନ୍ତି। ଶ୍ରମିକ ନେତା ଘନଶ୍ୟାମ ରାଉତ, ଚନ୍ଦ୍ରମଣି ସାମଲ, ପ୍ରଭାତ ଦାସ, ରାଜକୁମାର ସାମନ୍ତ, ସୁବାସ ପଶୁପାଳକ, ପ୍ରଫୁଲ ନାୟକ, ଝୁମର ମଳିକ, ସୁଶାନ୍ତ ଆଏଚ ପ୍ରମୁଖ ଅନଶନର ନେତୃତ୍ୱ ନେଇଛନ୍ତି। ଯାଜପୁରରୋଡ ବିଦ୍ୟୁତ ଡିଭିଜନର ନିର୍ବାହୀ ଯନ୍ତ୍ରୀ ଘଟଣାସ୍ଥଳକୁ ଆସି ଏକ ଚିଠି ଦେଇ ମାସେ ମଧ୍ୟରେ ଶ୍ରମିକମାଙ୍କ ଦାବି ପୂରଣ ହେବ ବୋଲି କହିଥିଲେ। ହେଲେ ବିଦ୍ୟୁତ୍ ଏକତା ମଞ୍ଚ ଏହି ଚିଠି ଉପରେ ବିଶ୍ୱାସ ନ କରି ଆଲୋଚନା ଜାରି ରଖିଛନ୍ତି।

# ଆସିଲାନି ବିହନ, ଚାଷୀ ମୁଣ୍ଡରେ ଚଡ଼କ

ରତ୍ନଗିରି,୫।୧୧(ଡି.ଏନ.ଏ.)

**ବରୀ ବ୍ଲକ**

- ତିତ୍‌ଲି ପ୍ରଭାବରେ ନଷ୍ଟ ହୋଇଛି ଫସଲ
- ରବି ବିହନ ଅପେକ୍ଷାରେ ୨୧ ପଞ୍ଚାୟତର ଚାଷୀ

ବରୀ ବ୍ଲକକୁ ବାଦାମ ଓ ବିରି ଚାଷ ପାଇଁ ରବି ବିହନ ଆସି ନ ଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି । ତିତ୍‌ଲି ପ୍ରଭାବରେ ହୋଇଥିବା ବର୍ଷାରେ ଚାଷୀ ବୁଣିଥିବା ବିରି ଓ ମୁଗ ନଷ୍ଟ ହୋଇଯାଇ ଥିଲା । ରାଜ୍ୟ ସରକାରଙ୍କ ତରଫରୁ ରବି ବିହନ ଯୋଗାଣ କ୍ଷେତ୍ରରେ ଅଗ୍ରାଧିକାର ଦିଆଯାଉଥିବା ବେଳେ ଅଦ୍ୟାବଧି ବରୀ ବ୍ଲକରେ ବିହନ ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ହତାଶ ଭାବ ସୃଷ୍ଟି ହୋଇଛି ।

ସୂଚନାଯୋଗ୍ୟ, ଉକ୍ତ ବ୍ଲକରେ ୩୨୦୦ ହେକ୍ଟର ଜମିରେ ବାଦାମ, ୩୫୦୦ ହେକ୍ଟର ଜମିରେ ବିରି ଓ ୧୪୦୦ ହେକ୍ଟର ଜମିରେ ମୁଗ ଫସଲ ହୋଇଥାଏ ବୋଲି ସରକାରୀ ରିପୋର୍ଟରୁ ଜଣାପଡିଛି । ମାତ୍ର ଚଳିତବର୍ଷ ରବି ଫସଲ ନିମନ୍ତେ କଳାମାଟିଆ, ଅନ୍ୟାସୀପୁର, ବାଲିବିଲି, ଅରଙ୍ଗାବାଦ, ରତଳାଙ୍ଗ, ଉଦୟନାଥପୁର, ବୋଦୁଓ, ଭଇଁରା, ଅଟିରା ସମେତ ପ୍ରାୟ ୨୧ ପଞ୍ଚାୟତର ଚାଷୀ ବିହନ ପାଇଁ ଅପେକ୍ଷା କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ସରକାରଙ୍କ ଧାର୍ଯ୍ୟ ଦରରେ ଉନ୍ନତ କିସମର ରବି ବିହନ ନ ପାଇବା ଯୋଗୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ଫଳରେ ଚାଷୀ ଚଢା ଦରରେ ବିହନ କିଣିବାକୁ ବାଧ୍ୟ ହେଉଛନ୍ତି । ସରକାରଙ୍କ ତରଫରୁ ବାଦାମ ବିହନ କୁଇଣ୍ଟାଲ ପିଛା ୫୦୦୦ ଟଙ୍କା ରହିଥିବା ବେଳେ ବିରି କୁଇଣ୍ଟାଲ ପିଛା ୬୦୦୦ ଓ ମୁଗ କୁଇଣ୍ଟାଲ ପିଛା ୫୦୦୦ ଟଙ୍କାରେ ଯୋଗାଇଦେବାକୁ ନିଷ୍ପତ୍ତି ନିଆଯାଇଛି। ହେଲେ ଅଦ୍ୟାବଧି ବିହନ ଯୋଗାଣ ହୋଇ ନ ଥିବାରୁ ଚାଷୀ ବାଧ ହୋଇ କୁଇଣ୍ଟାଲ ପିଛା ଅଧିକ ଦରରେ ବିହନ କିଣୁଥିବା ଜଣାପଡିଛି । ବିଭିନ୍ନ ସଭା ସମିତିରେ ସରକାରଙ୍କ ପ୍ରଗତିର ବାର୍ତ୍ତା ଦେଉଥିବା ରାଜନେତା କିପରି କୃଷକଙ୍କ ସ୍ୱାର୍ଥ ପ୍ରତି ଦୃଷ୍ଟି ଦେଉନାହାନ୍ତି, ସେ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ବରୀ ବ୍ଲକ ଅଧକ୍ଷା ସୁନନ୍ଦା ଦାସଙ୍କୁ ପଚାରିବାରେ, ଚାଷୀଙ୍କ ହିତ ଦୃଷ୍ଟିରୁ ଠିକ୍ ସମୟରେ ରବି ବିହନ ଯୋଗାଣ ନିମନ୍ତେ ପଞ୍ଚାୟତ ସମିତି ବୈଠକରେ ଆଲୋଚନା କରାଯାଇ ପଦକ୍ଷେପ ନେବାକୁ କୃଷି ବିଭାଗକୁ ଅବଗତ କରାଯାଇଥିଲା । ଯଦି ଏ କ୍ଷେତ୍ରରେ କୌଣସି ତ୍ରୁଟି ରହିଛି, ତେବେ ବିଭାଗୀୟ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମିତି ତରଫରୁ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଥିଲେ । ଅପରପକ୍ଷରେ ଏ ବିଷୟରେ ବରୀ ବ୍ଲକ କୃଷି ଅଧିକାରୀ ଭାଗ୍ୟଧର ସାହୁଙ୍କୁ ପଚାରିବାରେ, ଚାଷୀ ଆବଶ୍ୟକ ମୁତାବକ ରବି ବିହନ ଅର୍ଥ ନିକଟସ୍ଥ ସମବାୟ ସମିତି ଅଥବା କୃଷି କାର୍ଯ୍ୟାଳୟରେ ଜମା କଲେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସେମାନଙ୍କୁ ରବି ବିହନ ଯୋଗାଇ ଦିଆଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ୧୨ କିଗ୍ରା ହରିଣ ମାଂସ ଜବତ, ଜଣେ ଗିରଫ



**ରାଜନଗର, ୫।୧୧ (ଡି.ଏନ୍.ଏ.):** ରାଜନଗର ବ୍ଲକସ୍ଥିତ ଭିତରକନିକା ଜାତୀୟ ଉଦ୍ୟାନର ସୁନେଇରୂପେଇ ଜଙ୍ଗଲରୁ ହରିଣ ଶିକାର କରିଥିବା ଜଣେ ଶିକାରୀଙ୍କୁ ସୋମବାର ବନ ବିଭାଗ କର୍ମଚାରୀ ଗିରଫ କରିଥିବା ବେଳେ ଅନ୍ୟ ୨ଜଣ ଫେରାର ହୋଇଯାଇଛନ୍ତି। ଗିରଫ ଶିକାରୀ ହେଲେ ସ୍ଥାନୀୟ ହରିହରପୁର ଗ୍ରାମର କିରଣ ସ୍ୱାଇଁ। କିରଣଙ୍କଠାରୁ ୧୨ କିଗ୍ରା ହରିଣ ମାଂସ ଜବତ କରାଯାଇଛି। ଘଟଣା ମୁତାବକ, ବଗପାଟିଆ ଗାଁର ସୁକାନ୍ତ ପରିଡ଼ା ଜଙ୍ଗଲରେ ହରିଣ ଶିକାର କରି କିରଣ ଓ ତାଙ୍କ ସାଥୀ ବାସୁଦେବ ସ୍ୱାଇଁଙ୍କୁ ମାଂସ ବିକ୍ରି କରିଥିଲେ। ଏହାପରେ କିରଣ ଓ ବାସୁଦେବ ଏକ ବାଇକ୍‌ରେ ମାଂସ ବାନ୍ଧି ଯିବା ସମୟରେ ବନ ବିଭାଗ ପାଟ୍ରୋଲିଂ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିଥିଲା। ସେଠାରୁ ବାସୁଦେବ ଫେରାର ହୋଇଯାଇଥିବା ବେଳେ ପାଟ୍ରୋଲିଂ ଟିମ୍ କିରଣଙ୍କୁ ଗିରଫ କରିଥିଲେ। ଗୁପ୍ତି ଫରେଷ୍ଟର ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଫରେଷ୍ଟଗାର୍ଡ ଅଭିରାମ ଦାସ, ପ୍ରଫୁଲ୍ଲ ମାଝି ଚଢ଼ାଉରେ ସାମିଲ ଥିଲେ।

### ଦୁର୍ନୀତି ବିରୋଧରେ ଭାଜପାର ଗଣବିକ୍ଷୋଭ

**ପଟ୍ଟାମୁଣ୍ଡାଇ, ୫।୧୧ (ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ବ୍ଲକରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ହେଉଥିବା ବ୍ୟାପକ ଜାଲିଆତି, ଅନିୟମିତତା ଓ ଦୁର୍ନୀତି ପ୍ରତିବାଦରେ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ସୋମବାର ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ନଗର ଭାଜପା ସଭାପତି ପଦ୍ମନାଭ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଭାଜପା ପ୍ରବକ୍ତା ଜ୍ଞାନଦେବ ବେଉରା, ପୂର୍ବତନ ବିଧାୟକ ଅଲେଖ ଜେନା, ଉତ୍କଳ କେଶରୀ ପରିଡ଼ା, ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ, ଭୁବନ ମୋହନ ଜେନା, ରଶ୍ମି ରଞ୍ଜନ ପ୍ରଧାନ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କାନନବାଳା ଦାସ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ରଶ୍ମିତା ସାହୁ, ରାଜକିଶୋର ସାହୁ, ସମୀର ପାତ୍ର, ଜିଲା ପରିଷଦ ସଭ୍ୟ ନାରଦ ବିଶ୍ୱାଳ, ଅଜୟ ବେହେରା, ବିଜୟ ନାୟକ, ହିମାଂଶୁ ପଣ୍ଡା, ନୀଳକଣ୍ଠ ଦାସ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବାକୁ ରାଜ୍ୟପାଳ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଭାଜପା ନେତୃବୃନ୍ଦ ଦାବି କରିଥିଲେ। ଏହି ଅବସରରେ ୬ଦଫା ସମ୍ବଳିତ ଏକ ଦାବିପତ୍ର ପଟ୍ଟାମୁଣ୍ଡାଇ ବିଡିଓ ପବିତ୍ର ମୋହନ କାନୁନ୍‌ଗୋଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଭାଜପା ନେତା ଓ କର୍ମୀମାନେ ପଟ୍ଟାମୁଣ୍ଡାଇ-ରାଜନଗର ରାସ୍ତାର ଅରଡ଼ାବୋଲଠାରୁ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିରଞ୍ଜନ ସ୍ୱାଇଁ, ନୟନ ଗିରି, ଗଣେଶ୍ୱର ଦାସ, ଭାଗ୍ୟଧର ମଲିକ, ରବୀନ୍ଦ୍ର ଗାହଣ, ଧନେଶ୍ୱର ପାଗଳ, ବିଜୟ ନାୟକ, ବସନ୍ତ ପ୍ରଧାନ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

### ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଫେଇ



**ପାଟକୁରା, ୫।୧୧ (ଡି.ଏନ୍.ଏ.):** ଗରଦପୁର ବ୍ଲକ ପଦ୍ମପୁର ପଞ୍ଚାୟତ ଅଞ୍ଚଳର 'ଗୁ' ଓ 'ଶାନ୍ତି ମୈତ୍ରୀ'ର ୬୫ଜଣ ସ୍ୱେଚ୍ଛାସେବୀ ସୋମବାର ପଞ୍ଚାୟତ କାର୍ଯ୍ୟାଳୟ ପରିସର ସଫେଇ କରିଥିଲେ। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାସେବୀମାନଙ୍କୁ 'ଫାମିଲ କିଟସ୍' ପ୍ରଦାନ କରାଯାଇଛି। 'ଗୁ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ଓଡ଼ିଶା ପ୍ରଦେଶ ମୁଖ୍ୟ ସୁରେଶ କୁମାର ଓ ଶାନ୍ତିମୈତ୍ରୀର ନିର୍ଦ୍ଦେଶକ ଭଗବାନ ଜେନା, ପଦ୍ମପୁର ସରପଞ୍ଚ ସ୍ୱର୍ଣ୍ଣଲତା ରାଉତ, ସମିତିସଭ୍ୟା ସୁଷମା ଦାସ ଓ ୱାର୍ଡସଭ୍ୟ ଆଲୋକ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ବିଦ୍ୟୁତ୍ ସଂଯୋଗ ପାଇଁ ହିତାଧିକାରୀଙ୍କୁ ଅଣଦେଖା

# ଫାର୍ମ ହାଉସ୍ ମାଲିକଙ୍କୁ ଠିକାସଂସ୍ଥାର ଅନୁକମ୍ପା

**ଡେରାବିଶ, ୫।୧୧ (ସ୍ୱ.ପ୍ର.)**

**ସୌଭାଗ୍ୟ ଯୋଜନାରେ ବ୍ୟାପକ ଦୁର୍ନୀତି**

ବିଦ୍ୟୁତ୍ ସଂଯୋଗ ନ ପାଇ ଏବେ ବି ଡିବି ଆଲୁଅ ଉପରେ ନିର୍ଭର କରୁଥିବା ଲୋକଙ୍କୁ ମାଗଣାରେ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବା ନିମନ୍ତେ କେନ୍ଦ୍ର ସରକାର ସୌଭାଗ୍ୟ ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନାରେ ଆସନ୍ତା ଡିସେମ୍ବର ୨୫ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇଦେବା ପାଇଁ ସ୍ଥିର କରାଯାଇଛି। ତେବେ ଡେରାବିଶ ବ୍ଲକ ଅଞ୍ଚଳରେ ଏହି ଯୋଜନାରେ ବ୍ୟାପକ ଦୁର୍ନୀତି ହେଉଥିବା ଜଣାପଡିଛି। ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗୀୟ କର୍ମଚାରୀ ଟଙ୍କା ମାଗିବା, ଭୁଲ ବିଲ୍ ପ୍ରଦାନ କରି ଲୋକଙ୍କୁ ହଇରାଣ କରିବା ଆଦି ପୂର୍ବରୁ ଅଭିଯୋଗ ହୋଇଥିବା ବେଳେ ଏବେ ସ୍ଥାନୀୟ ଲୋକେ ଆଉ ଏକ ସଙ୍ଗୀନ ଅଭିଯୋଗ ଆଣିଛନ୍ତି।

ଏଣ୍ଡର ପଞ୍ଚାୟତ କୁସୁନୁପୁର ଗ୍ରାମରେ ହିତାଧିକାରୀଙ୍କୁ ବିଦ୍ୟୁତ୍ ସଂଯୋଗ ଯୋଗାଇ ଦେବା ପାଇଁ ଆସିଥିବା ୬ଟି ବିଦ୍ୟୁତ୍ ଖୁଣ୍ଟ ଜନୈକ ବ୍ୟକ୍ତିଙ୍କ ଫାର୍ମ ହାଉସ୍‌କୁ ଦିଆଯାଇଛି। ଏ ନେଇ କୁସୁନୁପୁର ଗ୍ରାମର ଶ୍ରୀଚରଣ ମଲ୍ଲିକ, ବୀରେନ୍ଦ୍ର ବେହେରା, ପବିତ୍ର ମଲ୍ଲିକ, ହଳଧର ସେଠୀ, ଧ୍ରୁବ ଘଡେଇ, ରବୀନ୍ଦ୍ର ସେଠୀ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସୌଭାଗ୍ୟ ଯୋଜନାରେ କାର୍ଯ୍ୟ କରୁଥିବା ଠିକା ସଂସ୍ଥା ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅନୁକମ୍ପା ଯୋଗୁ ଫାର୍ମ ହାଉସ ପାଇଁ ଖୁଣ୍ଟ ଯୋଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ତେବେ ଉକ୍ତ ବିଦ୍ୟୁତ୍ ଖୁଣ୍ଟ ଯୋଗେ ଫାର୍ମ ହାଉସ୍‌କୁ ବିଦ୍ୟୁତ୍ ସଂଯୋଗ କରିବା ନିମନ୍ତେ ଠିକା ସଂସ୍ଥା କର୍ମଚାରୀ ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀଙ୍କ ବିରୋଧ ଯୋଗୁ ଏହା ଅଟକି ରହିଛି। ଛତା ବିଦ୍ୟୁତ୍ ସେକ୍ସନ ଅଧୀନରେ ଥିବା ଅଞ୍ଚଳରେ ଏଭଳି ଅନିୟମିତତା ସମ୍ପର୍କରେ ଗ୍ରାମବାସୀ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲେ। ଏ ସମ୍ପର୍କରେ ଛତା ସେକ୍ସନ ଅଧିକାରୀ ସୀତାଂଶୁ ଶେଖର ମହାପାତ୍ରଙ୍କୁ ପଚାରିବାରେ ଉକ୍ତ ଅଞ୍ଚଳରେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ କରିବା ନିମନ୍ତେ ଭୁବନେଶ୍ୱରସ୍ଥିତ ଏକ ଠିକା ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଉପକରଣ ଓ ଖୁଣ୍ଟ ଯୋଗାଇବା ପରେ ବିଦ୍ୟୁତ୍ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ଠିକା ସଂସ୍ଥା ସହ ଚୁକ୍ତିନାମା ହୋଇଛି। ତେବେ ଫାର୍ମ ହାଉସ୍‌କୁ ଯୋଗାଇ ଦିଆଯାଇଥିବା ଖୁଣ୍ଟ ସମ୍ପର୍କରେ ଅଭିଯୋଗ ମିଳିଛି। ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମହାପାତ୍ର କହିଛନ୍ତି।



ବ୍ଲକ ଘେରାଉରେ ସାମିଲ ଥିବା ଭାଜପା ନେତା ଓ କର୍ମୀମାନେ।

## ଭାଜପାର ବ୍ଲକ ଅଫିସ୍ ଘେରାଉ

**ଆଳି, ୫।୧୧ (ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ପ୍ରତିବାଦରେ ସୋମବାର ଆଳି ଭଜପା ପକ୍ଷରୁ ବ୍ଲକ ଅଫିସ୍ ଘେରାଉ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବିଧାୟକ ଦୋଳଗୋବିନ୍ଦ ନାୟକଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସଭାରେ ୧୮ ବର୍ଷର ବିଜେଡି ସରକାରଙ୍କ ଦୁର୍ନୀତି, ଭ୍ରଷ୍ଟାଚାର, ପିସି କାରବାର ବଢ଼ିଥିବା ବିଧାୟକ ନାୟକ କହିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜ ସୁନ୍ଦର ଭୂୟାଁ ଏହି ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ତୃତୀୟ ମହଲା ନିର୍ଦ୍ଦେଶରେ ରାଜ୍ୟ ସରକାର ଚାଲିଥିବା ଭାଜପା ଜିଲା ଉପ ସଭାପତି ଭକ୍ତବନ୍ଧୁ ମିଶ୍ର ଅଭିଯୋଗ ଆଣିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁବନେତା ରଶ୍ମିରଞ୍ଜନ ବେହୁରା, ବିଶିକେଶନ ଦାସ, ଉତ୍କଳ କେଶରୀ ପରିଡ଼ା, ଭୁବନ ମୋହନ ଜେନା, ବିଜୟ ସ୍ୱାଇଁ, ପ୍ରିୟଦର୍ଶନୀ ନନ୍ଦ, ରତ୍ନାକର ମହାନ୍ତି, ମନୀଷା ଜେନା, ଜିତା ଦାସ, ଶରତ ଜଗଦେବ, ଅନନ୍ତ ରଥ ପ୍ରମୁଖ ସଭାରେ ଯୋଗଦେଇ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚାନା କରିଥିଲେ। ବ୍ଲକ ଘେରାଉ ପୂର୍ବରୁ ଦଳୀୟ କର୍ମୀମାନେ ପୂର୍ତ୍ତବିଭାଗ ଡାକବଙ୍ଗଳା ଛକଠାରୁ ଏକ ଶୋଭାଯତ୍ରାରେ ଆଳି ନୂଆବଜାର ପରିକ୍ରମା କରି ବ୍ଲକ ଅଫିସ୍ ନିକଟରେ ପହଞ୍ଚିଥିଲେ।

# ୪୦ ଲକ୍ଷରେ ନିର୍ମିତ ହେବ ୭ ପ୍ରକଳ୍ପ

**ରାଜନଗର, ୫।୧୧ (ଡି.ଏନ୍.ଏ.)**

**ରାଜନଗର ଆଦର୍ଶ ଗ୍ରାମ**



ବୈଠକରେ ଉପସ୍ଥିତ ଲୋକ ପ୍ରତିନିଧି ଓ ଅନ୍ୟମାନେ।

ରାଜନଗର ବ୍ଲକ ରାଜନଗର ଗ୍ରାମକୁ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଭାବେ ଘୋଷଣା କରାଯିବା ପରେ ୪୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ୭ଟି ପ୍ରକଳ୍ପ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ କାର୍ଯ୍ୟାଳୟରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ସ୍ଥାନୀୟ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଦର୍ଶ ଗ୍ରାମକୁ ସଫା ସୁତୁରା ରଖିବା ସହ ଡ୍ରେନେଜ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ରାଜନଗର ଦୁର୍ଗା ମଣ୍ଡପଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ସୁରେଶ ସେଠୀଙ୍କ ଘରଠାରୁ ଯୋଗୀ ପୋଖରୀ, ୭ ନଂ. ୱାର୍ଡ ମହିମାଗାଦିଠାରୁ ହଂସୁଆ ନଦୀ, ବୁଢୀମଙ୍ଗଳା ମନ୍ଦିର ନିକଟରୁ ଷ୍ଟେଟବ୍ୟାଙ୍କ, ଥାନାଛକରୁ ହଂସୁଆନଦୀ ପର୍ଯ୍ୟନ୍ତ ଡ୍ରେନ ନିର୍ମାଣ, ରାଜନଗର ମିନି ଷ୍ଟାଡିୟମରେ ସ୍ପୋର୍ଟସ ଆଣ୍ଡ ଫିଜିକାଲ ଆକ୍ଟିଭିଟି ଗୃହ ନିର୍ମାଣ, ରାଜନଗର ହାଇସ୍କୁଲରେ ୱିମେନ ଟିଚର କ୍ୱାର୍ଟର ନିର୍ମାଣ ପାଇଁ ମୋଟ ୪୦ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏହି ପ୍ରକଳ୍ପ ନିର୍ମାଣ ନିମନ୍ତେ ଜିଲା ପ୍ରଶାସନ ନିକଟରୁ ମଞ୍ଜୁରୀ ମିଳିବା ପରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଡବ୍ଲ୍ୟୁଇଓ ବିଷ୍ଣୁ ପ୍ରସାଦ ବେହେରା, ସମିତିସଭ୍ୟ ସତ୍ୟବାନ ସେଠୀ, କଟକ ସେଣ୍ଟ୍ରାଲ କୋଅପରେଟିଭ ବ୍ୟାଙ୍କ ପରିଚାଳକ ଇତିଶ୍ରୀକାନ୍ତ ସ୍ୱାଇଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସ୍ୱାଧୀନ କୁମାର ସ୍ୱାଇଁ, କୃଷି ବିଭାଗର ଭିଏଡବ୍ଲ୍ୟୁ ଦେବକୀ ରଞ୍ଜନ ବେହେରା, ରାଜନଗର ହାଇସ୍କୁଲ ପ୍ରଧାନଶିକ୍ଷକ କ୍ଷୀରୋଦ କୁମାର ମଲିକ, ଜିଆରଏସ ଇତିଶ୍ରୀ ମିଶ୍ର ଏବଂ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

## ରାଶନକାର୍ଡ ବଣ୍ଟନ

**ରାଜକନିକା, ୫।୧୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ନମତରା ପଞ୍ଚାୟତରେ ରବିବାର ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ନୂତନ ରାଶନକାର୍ଡ ବଣ୍ଟନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଘନଶ୍ୟାମ ମହାକୁଡଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବଣ୍ଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜକନିକା ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ବିଶ୍ୱନାଥ ନାୟକ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ୭୬ ଜଣ ନୂତନ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରିଥିବା ବେଳେ ବାଦ ପଡିଥିବା ହିତାଧିକାରୀମାନଙ୍କୁ ପର୍ଯ୍ୟାୟକ୍ରମେ ରାଶନ କାର୍ଡ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡସଭ୍ୟା ଦେବସ୍ମିତା ସୂତାର, ରଶ୍ମୀତା ସେଠୀ, ଘନଶ୍ୟାମ ରାଉତ, ସନାତନ ସାହୁ, ଗୌତମ ରାଉତ, ବଟକୃଷ୍ଣ ମଲିକ, ପ୍ରଫୁଲ ସେଠୀ ଓ ଫକୀର ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ■ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ

# ପୋଲିସ ବୁଝିଲାନି, ଏସ୍‌ପିଙ୍କୁ ଭେଟିଲେ ଅଭିଯୋଗକାରୀ

**ରାଜନଗର, ୫।୧୧ (ଡି.ଏନ୍.ଏ.)**

ରାଜନଗର ବ୍ଲକ ଗୁପ୍ତି ପଞ୍ଚାୟତ କୃଷ୍ଣପ୍ରିୟାପୁର ଗ୍ରାମର ନିତାଇ ମଣ୍ଡଳଙ୍କ ସ୍ତ୍ରୀ ସାବିତ୍ରୀଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଗ୍ରାମର କେତେଜଣ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଥିଲେ ହେଁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବାରୁ ସାବିତ୍ରୀ ଗତ ଶନିବାର ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, ପୂର୍ବଶତ୍ରୁତାକୁ କେନ୍ଦ୍ର କରି ସାବିତ୍ରୀଙ୍କୁ ତାଙ୍କ ଗ୍ରାମର କେତେଜଣ ବ୍ୟକ୍ତି ଗତ ୨୪ ତାରିଖରେ ନିସ୍ତୁକ ପିଟିଥିଲେ। ଫଳରେ ସାବିତ୍ରୀଙ୍କ ମୁଣ୍ଡ, ହାତ ଓ ପେଟରେ ଗଭୀର ଆଘାତ ଲାଗିଥିଲା। ଏ ନେଇ ସେ ରାଜନଗର ଥାନାରେ ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରି ସାବିତ୍ରୀଙ୍କ ନାମରେ ଏକ ମାମଲା ରୁଜୁ କରିଛି। ଏପରିକି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ପୋଲିସ ସାବିତ୍ରୀଙ୍କୁ ଧମକ ଦେଉଥିବା ନେଇ ସେ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜନଗର ଥାନା ଆଇଆଇସି ସୁକାନ୍ତ କୁମାର ପାତ୍ର କହିଛନ୍ତି ଏହି ଘଟଣାରେ ଦୁଇଟି ମାମଲା ରୁଜୁ ହୋଇଛି। ଏଥିସହ ଉଭୟ ପକ୍ଷର ଅଭିଯୁକ୍ତଙ୍କୁ ଥାନାରେ ହାଜିର ହେବାକୁ ଅଭିଯୁକ୍ତଙ୍କୁ ନୋଟିସ ଦିଆଯାଇଛି।



ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶନୀ କରୁଛନ୍ତି।

## ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲରେ ବିଜ୍ଞାନମେଳା

**ଆଳି, ୫।୧୧ (ଡି.ଏନ୍.ଏ.)**

ଆଳି ବ୍ଲକ ମେଣ୍ଟପୁର ପଞ୍ଚାୟତ ହାଇସ୍କୁଲ ପରିସରରେ ସୋମବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ମନୋରଞ୍ଜନ ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ୧୦ ଟି ଗ୍ରୁପରେ ଭାଗ ହୋଇ ଷ୍ଟଲ ପ୍ରସ୍ତୁତ କରିବା ସହ ମେଳାରେ ପ୍ରଦର୍ଶିତ କରିଥିଲେ। ବିକଳ୍ପ ପ୍ରଣାଳୀରେ ଚାଷ କରିବା, ଶକ୍ତି ସଂରକ୍ଷଣ କରିବା, ପରିବେଶର ସୁରକ୍ଷା କରିବା, ପବନରୁ ବିଦ୍ୟୁତ ଉତ୍ପାଦନ, ପରିବେଶ ସ୍ୱଚ୍ଛ ରଖିବା ବୃକ୍ଷରାଜି ସୃଷ୍ଟି କରିବା ଆଦି ୭ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ଶିକ୍ଷକ ମହମ୍ମଦ ସଫିକ ଓ ସୁନିମା ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଏହି ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚାନ୍ଦୋଳ ବଜାର ସମସ୍ୟାର ସମାଧାନ ପାଇଁ ବୈଠକ

**କେନ୍ଦ୍ରାପଡା ଅଫିସ, ୫।୧୧**

ଚାନ୍ଦୋଳ ହାଟ ଓ ବଜାରର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏକ ବୈଠକ ଜିଲାପାଳ ଦାଶରଥି ଶତପଥୀଙ୍କ ଅଧ୍ୟକ୍ଷତାରେ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ବୈଠକରେ ଚାନ୍ଦୋଳ ବସଷ୍ଟାଣ୍ଡରେ ପରିମଳ ବ୍ୟବସ୍ଥାରେ ଉନ୍ନତି, ରାସ୍ତା ଜବରଦଖଲ ମୁକ୍ତ କରିବା, ଡ୍ରେନେଜ ସମସ୍ୟାର ସମାଧାନ ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଉପଜିଲାପାଳ ତଥା ଆରଏମସି ଅଧ୍ୟକ୍ଷ ସଞ୍ଜୟ କୁମାର ମିଶ୍ର, ସମ୍ପାଦକ ଅଜୟ କୁମାର ରାଉତ, ଚାନ୍ଦୋଳ ସରପଞ୍ଚ କୈଳାସ କର,ସୁମନ୍ତ କୁମାର ନାୟକ, ମିହୀର କୁମାର ସାମଲ, ନିଶାମଣୀ ବେହେରା ଓ ପଞ୍ଚାନନ ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

# ଇଣ୍ଡିଆନ କମ୍ୟୁନିଟି ପୋଲିସ ପକ୍ଷରୁ ପଦଯାତ୍ରା

**ଆଳି, ୫।୧୧ (ଡି.ଏନ୍.ଏ.)**

ରାଜ୍ୟରେ ମହିଳା, ଶିଶୁ ଓ ଦିବ୍ୟାଙ୍ଗମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବିରୋଧରେ ଇଣ୍ଡିଆନ କମ୍ୟୁନିଟ ପୋଲିସ (ଆଜାଦ ଠେଙ୍ଗା ବାହିନୀ) ପକ୍ଷରୁ ଏକ ପଦଯାତ୍ରା ଶନିବାର ଅନୁଷ୍ଠିତ ହୋଇଥିଲା। କେନ୍ଦ୍ରାପଡ଼ା ଜିଲା କମାଣ୍ଡର ଉର୍ବଶୀ ଦାସଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ଶ୍ରୀବଳଦେବ ଜୀଉ ମନ୍ଦିର ନିକଟରେ ଶ୍ରମିକ ନେତା ମାୟାଧର ନାୟକ ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରା ଆଳି ଅଭିମୁଖେ ଆସିବା ସମୟରେ ପଟ୍ଟାମୁଣ୍ଡାଇରେ ମୁଖ୍ୟ ବଜାରରେ ପଟ୍ଟାମୁଣ୍ଡାଇ ଥାନା ଆଇଆଇସି ପ୍ରମୋଦ କୁମାର ମଲିକ ଉକ୍ତ ବାହିନୀର କମାଣ୍ଡର ଉର୍ବଶୀଙ୍କୁ ସମ୍ମାନିତ କରିଥିଲେ। ଆଳିର ପତ୍ରପୁରଠାରେ ଅଙ୍ଗନୱାଡି କର୍ମୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ଏହାପରେ କଳସପୁର ପଞ୍ଚାୟତରେ କମାଣ୍ଡର କୃଷକ ଲକ୍ଷ୍ମଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ସଭାର ଅନୁଷ୍ଠିତ ହୋଇଥିଲା। ସଭାରେ କଳାରତ୍ନ ବଂଶୀଧର କର, ଜଗନ୍ନାଥ ଧାମ ସ୍ୱତନ୍ତ୍ର କମାଣ୍ଡର ଗଙ୍ଗାଧର ସାହୁ



ପଦଯାତ୍ରାରେ ସାମିଲ ହୋଇଥିବା ଇଣ୍ଡିଆନ କମ୍ୟୁନିଟ ପୋଲିସର ସଦସ୍ୟାସଦସ୍ୟ।

ଶର୍ମା, ଉତ୍ତର ଓଡ଼ିଶା ଏରିଆ କମାଣ୍ଡର ବିଜୟ ପାକଳ, ପୂର୍ବ ଓଡ଼ିଶା କମାଣ୍ଡର ବିଶ୍ୱରଞ୍ଜନ ସାହୁ, ଦକ୍ଷିଣ ଓଡ଼ିଶା କମାଣ୍ଡର ରାମଚନ୍ଦ୍ର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ଅନୁରୂପ ଭାବେ ବିହାର ଚିଫ କମାଣ୍ଡର ବିନିତ କୁମାର ଓ ପଶ୍ଚିମବଙ୍ଗ କମାଣ୍ଡର ସୁରଜିତ ମଣ୍ଡଳ, ଭାରତର ଅରଗାନାଇଜିଙ୍ଗ କମାଣ୍ଡର ଧୀରେନ୍ଦ୍ର କୁମାର ସାହୁ, କେନ୍ଦ୍ରାପଡା ଜିଲା ଉପଦେଷ୍ଟା ସନାତନ କର, ଭଦ୍ରକ ଜିଲା କାମଣ୍ଡର ମାଧବ ଚନ୍ଦ୍ର ସେଠୀ, କଟକ ସହର କାମାଣ୍ଡର ପ୍ରଶାନ୍ତ ବାରିକ, ଭୁବନେଶ୍ୱର କମାଣ୍ଡର ଶରତ କୁମାର ଜେନା ଓ ଆଳି ଜାଭିୟର ସ୍କୁଲର ଚେୟାରମ୍ୟାନ କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ପଦଯାତ୍ରାର ମୁଳ ଲକ୍ଷ ସମ୍ପର୍କରେ ଆଲୋଚନା କରିଥିଲେ।

## ଆଜିଠୁ ଶ୍ୟାମାକାଳୀ ପୂଜା ଆରମ୍ଭ

**ଡେରାବିଶ, ୫।୧୧ (ସ୍ୱ.ପ୍ର.)**



ଅଳାବାଙ୍କ ମଣ୍ଡପରେ ଶ୍ୟାମାକାଳୀଙ୍କ ମୃଣ୍ମୟୀ ମୂର୍ତ୍ତି।

ଡେରାବିଶ ବ୍ଲକସ୍ଥିତ ଅଳାବାଙ୍କ ଛକରେ ମଙ୍ଗଳବାର ରାତିରୁ ମା'ଶ୍ୟାମାକାଳୀଙ୍କ ପୂଜା ଆରମ୍ଭ ହେବ। ପୂଜା କମିଟି ପକ୍ଷରୁ ଏ ନେଇ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ପୂଜା କମିଟି ମୁଖ୍ୟ କାଶୀ ଦାସ ବାବା ତ୍ୟାଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପୂଜା ଗୁରୁବାର ଶେଷ ହେବ। ମଙ୍ଗଳବାର ମା'ଙ୍କ ମହାମାୟା ପୂଜା, ବୈଷ୍ଣବ୍ୟା ଅନ୍ନପୂର୍ଣ୍ଣା ବେଶ, ବୁଧବାର ଚଣ୍ଡୀ ପୂଜା ଓ ଜଗଦ୍ଧାତ୍ରୀ ପୂଜା, ଗୁରୁବାର ଜଗଦମ୍ବା ପୂଜା ଓ ପୂର୍ଣ୍ଣାହୁତି ହେବ ବୋଲି ପୂଜା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ପୂଜା ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ଭଜନ ସମାରୋହ ଆଦି ପରିବେଷଣ କରାଯିବ। ଅଳାବାଙ୍କର ଶ୍ୟାମାକାଳୀ ପୂଜା ବହୁ ପ୍ରାଚୀନ ହୋଇଥିବାରୁ କେନ୍ଦ୍ରାପଡ଼ା ସମେତ ପଡୋଶୀ ଜଗତ୍‌ସିଂପୁର ଓ ଯାଜପୁର ଜିଲାର ହଜାର ହଜାର ଲୋକ ପୂଜା ଦେଖିବାକୁ ଆସିଥାନ୍ତି। ତେବେ ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସୋମବାର ସନ୍ଧ୍ୟାରୁ ପୂଜା ମଣ୍ଡପ ଆଖପାଖରେ ଉଠା ଦୋକାନୀମାନେ ପସରା ମେଲାଇଛନ୍ତି।

# ଗହୀରମଥାରେ ଅଲିଭରିଡଲେଙ୍କ ସୁରକ୍ଷା ଦାବି

**ମହାକାଳପଡା, ୫।୧୧ (ଡି.ଏନ.ଏ.)**



ବେଳାଭୂମିରେ ମରିପଡ଼ିଥିବା କଇଁଛ।

ମହାକାଳପଡା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟକୁ ଅଲିଭରିଡଲେ କଇଁଛମାନେ ଅଣ୍ଡାଦାନ ଲାଗି ସୁରକ୍ଷିତ ମନେକରନ୍ତି। ପ୍ରତିବର୍ଷ ଅକ୍ଟୋବର ଓ ନଭେମ୍ବର ଏଠାକାର ଜଳବାୟୁ ସେମାନଙ୍କ ପ୍ରଜନନ ଲାଗି ସୁହାଉ ଥିବାରୁ ଲକ୍ଷ ଲକ୍ଷ ଅଲିଭ୍‌ରିଡଲେ ସମୁଦ୍ର ପଥରେ ଯୋଜନ ଯୋଜନ ପଥ ଅତିକ୍ରମ ଏହିସ୍ଥାନକୁ ଅଣ୍ଡାଦାନ ଲାଗି ଆସିଥାନ୍ତି। ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା କୁହାଯାଉଥିବା ବେଳେ ଅନେକ ସମୟରେ ବିଭିନ୍ନ କାରଣରୁ ଏହି ବିରଳ ଜଳଚର ପ୍ରାଣୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଅଲିଭରିଡଲେ କଇଁଛମାନେ ଅଣ୍ଡାଦାନ ଲାଗି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ହୁକୁଟୋଲା, ଅଗରନାସୀ, ହବାଲିଖଟି, ଲଞ୍ଜି ଘୋଲା, ମାଦଳୀ, ଷୋଳ ମୁହାଣ, ସାତଭାୟା, ବାବୁବାଲି ଆଦି ବାଲୁକା ଶଯ୍ୟାକୁ ଆସିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ପକ୍ଷରୁ ପ୍ରତିବର୍ଷ ନଭେମ୍ବରରୁ ମେ ପର୍ଯ୍ୟନ୍ତ ଏହି ଅଞ୍ଚଳକୁ ନିଷିଦ୍ଧାଞ୍ଚଳ ଭାବେ ଘୋଷଣା କରାଯାଏ। ମାତ୍ର କେତେକ ମାଛ ବ୍ୟବସାୟୀ ଏହି ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ଟ୍ରଲର ଯୋଗେ ପ୍ରବେଶ କରି ଅସାଧୁ ଉପାୟରେ ମାଛ ଧରିଥାନ୍ତି। ଫଳରେ ଟ୍ରଲର ଧକ୍କାରେ ବହୁ ଅଲିଭରିଡଲେଙ୍କ ମୃତ୍ୟୁ ଘଟେ। ଏହି ମୃତ କଇଁଛମାନଙ୍କୁ ଚିଲ, ଶାଗୁଣା, କୁକୁର, ବିଲୁଆ ହେଟା ଓ କାଉ ଆଦି ଖାଦ୍ୟ ଭାବେ ଗ୍ରହଣ କରିଥାନ୍ତି। ରବିବାର ଏହାର ଏକ ନଜିର ସାମୁଦ୍ରିକ ଅଭୟାରଣ୍ୟରେ ଦେଖିବାକୁ ମିଳିଥିଲା। ଏକ କଇଁଛର ମୃତଦେହ ଭାସି ଆସି ସାମୁଦ୍ରିକ ଅଭୟାରଣ୍ୟର ଲଞ୍ଜଘୋଲା ଝାଉଁ ଜଙ୍ଗଲ ବାଲୁକା ଶଯ୍ୟାରେ ଲାଗିଥିଲା। ଟ୍ରଲର ଧକ୍କାରେ ଏହି ଅଲିଭ୍‌ରିଡଲେର ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ସେହିପରି ବନବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଟିମ୍ ନିଷିଦ୍ଧାଞ୍ଚଳର ବଳରାମଗଡି ଓ କସାଫଳ ଅଞ୍ଚଳରୁ ବେଆଇନ ଭାବେ ମାଛ ଧରୁଥିବା ୩ ଟ୍ରଲର ସହ ୩୦ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିବା ଗହୀରମଥା ରେଞ୍ଜ ଅଧିକାରୀ ତଥା ଏସିଏଫ୍ ଅରବିନ୍ଦ ମିଶ୍ର ସୂଚନା ଦେଇଛନ୍ତି। ଏଥିରୁ ପାଟ୍ରୋଲିଂ ସତ୍ତ୍ୱେ ମାଛ ବ୍ୟବସାୟୀମାନେ ଅସାଧୁ ଉପାୟରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରୁଥିବା ସ୍ପଷ୍ଟ ହୋଇଛି। ଏହାଛଡା ବଡବଡ ମାଛ ଧରା ଟ୍ରଲରଗୁଡିକରେ ଗାଞ୍ଜି ଜାଲ ବ୍ୟବହାର କରୁଥିବା ଯୋଗୁ ବହୁ କଇଁଛ ଏଥିରେ ପଶି ମୃତ୍ୟୁ ମୁଖରେ ପଡୁଛନ୍ତି।

ଅପରପକ୍ଷେ ଅଲିଭରିଡଲେଙ୍କ ସୁରକ୍ଷା ପାଇଁ ବନବିଭାଗ, ମତ୍ସ୍ୟ ବିଭାଗ, ମେରାଇନ ପୋଲିସ, ତଟରକ୍ଷୀ ବାହିନୀ ଆଦି ଅତ୍ୟାଧୁନିକ ସ୍ପିଡ ବୋଟ, ପାଟ୍ରୋଲିଂ କରୁଥିବା ବିଭାଗ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ଗହୀରମଥା ରେଞ୍ଜ ଅଧିକାରୀ ମିଶ୍ର କହିଛନ୍ତି ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ କଇଁଛ ସୁରକ୍ଷାକୁ କଡାକଡି କରାଯାଉଛି ବୋଲି କହିଛନ୍ତି। ଏସବୁ ସୁରକ୍ଷା ବ୍ୟବସ୍ଥା ସତ୍ତ୍ୱେ କିଭଳି ଭାବେ ମାଛ ବ୍ୟବସାୟୀମାନେ ଉକ୍ତ ଅଞ୍ଚଳରେ ପ୍ରବେଶ କରୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ସୁରକ୍ଷା ପାଇଁ ବିଭାଗୀୟ ଅଧିକାରୀ ଅଧିକ ଦୃଷ୍ଟି ଦେବାକୁ ପରିବେଶବିତମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ପଦାରେ ପଡିଲା ଭାଜପା ଗୋଷ୍ଠୀ କନ୍ଦଳ

**ବାଲିକୁଦା,୫।୧୧(ସ୍ୱ.ପ୍ର.):** ବାଲିକୁଦା ଭାଜପାରେ ଏବେ ଗୋଷ୍ଠୀ କନ୍ଦଳ ତୀବ୍ର ରୂପ ନେବାରେ ଲାଗିଛି। ଏଠାରେ ଦଳରେ ଦୁଇ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ସେମାନେ ପୃଥକ ଭାବେ ବିଭିନ୍ନ କାର୍ଯ୍ୟକ୍ରମ କରୁଥିବାରୁ ଦଳୀୟ କନ୍ଦଳ ପଦାରେ ପଡିଛି ବୋଲି ଚର୍ଚ୍ଚା ହେଉଛି। ଗତ ୨୮ ତାରିଖରେ ଭାଜପା ନେତା ରଘୁନନ୍ଦନ ଦାସଙ୍କ ନେତୃତ୍ୱରେ ବ୍ଲକ ଘେରାଉ କରାଯାଇଥିଲା। ଅନ୍ୟପକ୍ଷରେ ଭାଜପା ନେତା ପ୍ରିୟ ରଞ୍ଜନଙ୍କ ନେତୃତ୍ୱରେ ଅନ୍ୟ ଏକ ଗୋଷ୍ଠୀ ନଭେମ୍ବର ଦ୍ୱିତୀୟ ସପ୍ତାହରେ ପଦଯାତ୍ରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ବ୍ଲକ ଘେରାଉ କାର୍ଯ୍ୟକ୍ରମକୁ ପ୍ରିୟଙ୍କୁ ଡକାଯାଇ ନ ଥିବାରୁ ତାଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେଣୁ ସେମାନେ ପୃଥକ ଭାବେ ପଦଯାତ୍ରା କରିବେ ବୋଲି କୁହାଯାଉଛି। ଏହି ପଦଯାତ୍ରା ପ୍ରଥମେ ବ୍ଲକର ୧ ନମ୍ବର ଜୋନ୍ ଅରିଲୋଠାରୁ ଆରମ୍ଭ ହେବ ବୋଲି ସୂଚନା ମିଳିଛି। ଏହି ଅବସରରେ ବୋରିକିନା ମଣ୍ଡଳ ଭାଜପା ସଭପତି ରଘୁନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ସୋମବାର ଏକ ବୈଠକ ହୋଇଥିଲା। ଏଥିରେ ଇଛାପୁର ମଣ୍ଡଳ ସଭାପତି ବୈକୁଣ୍ଠନାଥ ଜେନା, ନହରଣା ମଣ୍ଡଳ ପ୍ରତିନିଧି ଟୁକୁନା ରାଉତ, ଇଛାପୁର ମଣ୍ଡଳ ପ୍ରତିନିଧି ବିନୋଦ ପରିଡା, ପ୍ରଭାତ ଦାସ, ନାରାୟଣ ବାରିକ, ଭରତ ପାଇଟାଳ, ନିରଞ୍ଜନ ମହାନ୍ତି, ପ୍ରକାଶ ବେହେରା, ପ୍ରଦୀପ୍ତ ବେହେରା, ନରେନ୍ଦ୍ର ନାୟକ, ଶିବ ଚରଣ ମହାନ୍ତି ପ୍ରମୁଖ ଯୋଗଦେଇ ସଂଗଠନକୁ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ତେବେ ଦଳୀୟ କାର୍ଯ୍ୟକ୍ରମ ଅନୁଯାୟୀ ପଦଯାତ୍ରା କରାଯାଇ ଲୋକଙ୍କ ନିକଟରେ ଦଳ ପହଞ୍ଚିବ ବୋଲି ପ୍ରିୟ ରଞ୍ଜନ କହିଛନ୍ତି।

### ୭ରୁ ଅଷ୍ଟମ ପ୍ରହର ନାମଯଜ୍ଞ

**ବାଲିଆ,୫।୧୧:** ମହାପୁରୁଷ ଶ୍ରୀ ଶ୍ରୀ ସିଦ୍ଧେଶ୍ୱରଙ୍କ ବିଜେସ୍ଥଳୀ ବିରିଡ଼ି ବ୍ଲକର ଗୋଠପଦାରେ ଆସନ୍ତା ୭ ତାରିଖରୁ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ୯୮ ବର୍ଷ ଧରି ନିରନ୍ତର ଭାବେ ଏଠାରେ ଅଷ୍ଟପ୍ରହର ନାମଯଜ୍ଞ ହୋଇଆସୁଛି। ମୁଖ୍ୟ ପରିଚାଳକ ସୁରେନ୍ଦ୍ର ଭୂୟାଁ, ଗୁରୁ ଚରଣ ରାୟ, ବିଜୟ କୁମାର ମହାନ୍ତି ପ୍ରମୁଖ ଏହାର ଦାୟିତ୍ୱ ନିର୍ବାହ କରୁଛନ୍ତି। ଏଥିରେ ଗ୍ରାମବାସୀ ମଧ୍ୟ ସମସ୍ତ ପ୍ରକାର ସହଯୋଗ କରୁଛନ୍ତି।

### ପଦ୍ମ ଚରଣ ମହାନ୍ତିଙ୍କ ସ୍ମୃତିସଭା

**ବାଲିକୁଦା,୫।୧୧(ସ୍ୱ.ପ୍ର.):** ବାଲିକୁଦା ବ୍ଲକ ଅଳାଭର ପଞ୍ଚାୟତ ନବାଙ୍ଗଠାରେ ସାମାଜିକ କର୍ମୀ ପଦ୍ମ ଚରଣ ମହାନ୍ତିଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଣ୍ଡିତ ହୃଷିକେଶ ସାହୁ ଅଧକ୍ଷତା କରିଥିଲେ। ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଡା. ଲଲାଟେନ୍ଦୁ ମହାପାତ୍ର, କଂଗ୍ରେସ ନେତା ସୁଶାନ୍ତ କାନୁନଗୋ, ସରପଞ୍ଚ ଅଶୋକ ବିଶ୍ୱାଳ, ଭାଜପା ନେତା ରଘୁନନ୍ଦନ ଦାସ, ପ୍ରଫୁଲ୍ଲ ଦାସ, କଂଗ୍ରେସ ନେତା ସାରଦା ପ୍ରସନ୍ନ ଜେନା, କୃଷ୍ଣଚନ୍ଦ୍ର ଦାସ, କେଲୁ ଚରଣ ସାହୁ, ଅଜୟ କୁମାର ମହାନ୍ତ ପ୍ରମୁଖ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଥିଲେ।

# ଭାଜପାର ତାଲାବନ୍ଦ ଆନ୍ଦୋଳନରେ ଫାଟ

## ସମାନ୍ତରାଳ ଭାବେ ଦୁଇଗୋଷ୍ଠୀ ଘେରିଲେ ନିୟୋଜନ କାର୍ଯ୍ୟାଳୟ



ସମ୍ପଦଙ୍କ ନେତୃତ୍ୱରେ ଭାଜପା କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ଗତିକୃଷ୍ଣଙ୍କ ସହ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ପାରାଦୀପ,୫।୧୧(ସ୍ୱ.ପ୍ର.)**

- ପୂର୍ବାହ୍ନରେ ସମ୍ପଦଙ୍କ ନେତୃତ୍ୱରେ ହେଲା ଆନ୍ଦୋଳନ
- ଅପରାହ୍ନରେ କର୍ମୀଙ୍କ ସହ ବିକ୍ଷୋଭ ପ୍ରଦର୍ଶନ କଲେ ଗତିକୃଷ୍ଣ

ସମଗ୍ର ରାଜ୍ୟରେ ବେକାରୀ ସମସ୍ୟାକୁ ନେଇ ସୋମବାର ଭାଜପା ପକ୍ଷରୁ ରାଜ୍ୟ ସରକାରଙ୍କୁ ଘେରାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ପାରାଦୀପରେ ମଧ୍ୟ ସ୍ୱତନ୍ତ୍ର ନିୟୋଜନ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଇଛି। ତେବେ ଏଠାରେ ଦଳ ବିଜେଡି ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଇ ନିଜ ମଧ୍ୟରେ ଥିବା ଗୋଷ୍ଠୀ କନ୍ଦଳକୁ ପ୍ରଦର୍ଶନ କରିଛି। ଅର୍ଥାତ୍ ସ୍ୱତନ୍ତ୍ର ନିୟୋଜନ କାର୍ଯ୍ୟାଳୟ ଆଗରେ ଭାଜପାର ଦୁଇ ଗୋଷ୍ଠୀ ସମାନ୍ତରାଳ ଭାବେ ଆନ୍ଦୋଳନ କରିଛନ୍ତି।

ପ୍ରଥମେ ଜିଲା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବାହ୍ନ ସାଢେ ୧୧ଟାରୁ ମଧ୍ୟାହ୍ନ ସାଢେ ୧୨ଟା ପର୍ଯ୍ୟନ୍ତ ଶୋଭାଯାତ୍ରା, ବିକ୍ଷୋଭ ଓ କାର୍ଯ୍ୟାଳୟରେ ତାଲା ବନ୍ଦ ଆନ୍ଦୋଳନ କରାଯାଇଥିଲା। ଏଥିରେ ଶତାଧିକ ଯୁବ କର୍ମକର୍ତ୍ତା ସାମିଲ ହୋଇଥିଲେ। ପରେ ଅପରାହ୍ନ ୧ଟାରୁ ୨ଟା ପର୍ଯ୍ୟନ୍ତ ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ତଥା ପ୍ରଭାରୀ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଆନ୍ଦୋଳନ କରାଯାଇଥିଲା। ଗତିକୃଷ୍ଣଙ୍କ ସହ ଶତାଧିକ ଯୁବକ ତିର୍ତ୍ତୋଲ, ଏରସମା, କୁଜଙ୍ଗରୁ ବାଇକ୍ ଶୋଭାଯାତ୍ରାରେ ଆସିଥିଲେ। ଦଳର ଏଭଳି ସମାନ୍ତରାଳ ଆନ୍ଦୋଳନ ସମ୍ପର୍କରେ ସମ୍ପଦ କୁହନ୍ତି ଯେ ଆନ୍ଦୋଳନ ପାଇଁ ଆମେ ସମସ୍ତଙ୍କୁ ଡାକିଥିଲୁ। କିନ୍ତୁ ସେ ଅଲଗା ଆସିବେ ବୋଲି କହିଥିଲେ। ଅନ୍ୟପକ୍ଷରେ ଗତିକୃଷ୍ଣ କହିଛନ୍ତି ଯେ ଆମେ ଆସୁଥିଲୁ। ସେମାନେ ଆମକୁ ଅପେକ୍ଷା ନ କରି ଆଗୁଆ କାର୍ଯ୍ୟକ୍ରମ କରିଦେଲେ। ତେବେ ଏଥିରେ କୌଣସି ଅସୁବିଧା ନାହିଁ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଆସନ୍ତା ସାଧାରଣ ନିର୍ବାଚନ ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀରୁ ଭାଜପା ପ୍ରାର୍ଥୀଭାବେ ଗତିକୃଷ୍ଣ ଓ ସମ୍ପଦ ଉଭୟ ଦାବିଦାର ଅଛନ୍ତି। ସେଥିପାଇଁ ଦୁଇ ନେତା ନିଜ ନିଜର ସାଂଗଠନିକ ଦକ୍ଷତା ବୃଦ୍ଧି ନିମନ୍ତେ ଉଦ୍ୟମ ଚଳାଇଛନ୍ତି।

## ହାଜିପୁରରେ ପାନୀୟଜଳ ସମସ୍ୟା ଉତ୍କଟ

# ୬ମାସ ହେଲା ଜଳ ଯୋଗାଣ ବନ୍ଦ

**ବାଲିଆ,୫।୧୧**

ବିରିଡ଼ି ବ୍ଲକ ହାଜିପୁର ପଞ୍ଚାୟତ ଅଧୀନ ୯ନଂ ୱାର୍ଡ ମୁସଲିମ୍ ସାହିରେ ୬ ମାସ ହେଲା ପାନୀୟଜଳ ସମସ୍ୟା ଦେଖାଦେଇଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କୁ ଅବଗତ କରାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସୂଚନା ଅନୁଯାୟୀ ଏହି ବସ୍ତିରେ ୨୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏହି ବସ୍ତିକୁ ପାନୀୟଜଳ ଯୋଗାଣ ପାଇଁ ହାଜିପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ଥିବା ଓଭରହେଡ୍ ପାଣିଟାଙ୍କିରୁ ପାଇପ ସଂଯୋଗ କରାଯାଇଛି। ନିୟମିତ ଭାବେ ଲୋକଙ୍କୁ ପାନୀୟଜଳ ଯୋଗାଇଦେବା ପାଇଁ ଜଣେ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସେ ପ୍ରତି ମାସରେ ଦରମା ନେଉଛନ୍ତି। ଜଳଯୋଗାଣ କ୍ଷେତ୍ରରେ ଯେଭଳି କୌଣସି ତ୍ରୁଟି ଦେଖା ନ ଦିଏ ସେଥିପାଇଁ ତୁରନ୍ତ ମରାମତି ଓ ଆବଶ୍ୟକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ପଞ୍ଚାୟତକୁ କ୍ଷମତା ଦିଆଯାଇଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଏହାର ତଦାରଖ କରିବାକୁ ମଧ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଛି। କିନ୍ତୁ କୌଣସି କାର୍ଯ୍ୟ ଠିକ୍ ଭାବେ ହେଉନାହିଁ। ବିଭିନ୍ନ ସ୍ଥାନରେ ପାଇପ୍ ଫାଟିଯାଇଛି। ଏହାର ଆବଶ୍ୟକ ମରାମତି କରାଯାଉନାହିଁ କି ଜଳ ଯୋଗାଣ ହେଉନାହିଁ। ଜଳ ଓ ପରିମଳ ବିଭାଗ ଅଧିକାରୀ, କର୍ମଚାରୀଙ୍କ ଅବହେଳା ଯୋଗୁ ଏଭଳି ସ୍ଥିତି ଉପୁଜିଛି ବୋଲି ମିନାରା ବିବି, ରହିମା ବିବି, ଖାତୁନ ବିବି, ଇକ୍ବମନ ବିବି, କୌସରି ବିବି, ତାରୋ ବିବି, ଅମିରନ ବିବି, ମୟିରୁନ ବିବି, ସାହାରା ବେଗମ, ଯୋବେଦା ବିବି, କୁନି ବିବି, ଇଜାତୁନ ବିବି, ଇମ୍ରାନ ଖାଁ, ମୁନିର ହୁସେନ, ସାରୁଖ ଅଲ୍ଲି, ମୁସ୍ତାକ ଅଲ୍ଲି, ଅବଦୁଲ କରିମ୍, ବାବର ଅଲ୍ଲିଖାଁ, ଅୟାସ ଅଲ୍ଲି ପ୍ରମୁଖ ଅଭିଯୋଗ କରିଛନ୍ତି। ତେଣୁ ତୁରନ୍ତ ଏହାର ମରାମତି କରି ପାନୀୟଜଳ ଯୋଗାଣ କରିବାକୁ ସେମାନେ ଦାବି କରିଛନ୍ତି।



ମୁସଲିମ୍ ବସ୍ତିର ମହିଳା ଓ ପୁରୁଷମାନେ ପାନୀୟ ଜଳ ସମ୍ପର୍କରେ ପ୍ରତିବାଦ ଜଣାଉଛନ୍ତି।

# ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ



ମହୋତ୍ସବରେ ଉପସ୍ଥିତ ଅତିଥି।

**ଜଗତ୍‌ସିଂହପୁର ଅଫିସ, ୫।୧୧**

ଜଗତ୍‌ସିଂହପୁର ଶିଶୁ ଆଶ୍ରମଠାରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ମହକ ୨୦୧୮ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ, ଜଗତ୍‌ସିଂହପୁର ଆରକ୍ଷୀ ଅଧିକ୍ଷକ ରଜନୀକାନ୍ତ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ସ୍ୱପ୍ନା ରଞ୍ଜିତା ଦଳାଇ, ଶିଶୁ ମଙ୍ଗଳ ସମିତି ସଭ୍ୟା ଜ୍ୟୋତିର୍ମୟୀ ଦେଈ, ଉତ୍କଳ ରଞ୍ଜନ ମହାନ୍ତି, ଦୁର୍ଗାଚରଣ ଓଝା ଓ ସୁରକ୍ଷା ଅଧିକାରୀ ଜଗଦିଶ ସାହୁ ପ୍ରମୁଖ ଯୋଗଦେଇ ଶିଶୁ ଆଶ୍ରମ ଛାତ୍ରୀଛାତ୍ରଙ୍କ ଲୁକାୟିତ ପ୍ରତିଭାର ବିକାଶ ନିମନ୍ତେ ଏହି କାର୍ଯ୍ୟକ୍ରମ ହେଉଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ହୋଇଥିଲା। ଏଥିରେ ଶିଶୁ ଆଶ୍ରମ ଜଗତ୍‌ସିଂହପୁର ଓ ଶ୍ରୀ ଲୋକନାଥ ଶିକ୍ଷାଶ୍ରମ ପାରାଦୀପର ପିଲାମାନେ ଅଂଶଗ୍ରହଣ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦ୍‌ଯାପନ ଉତ୍ସବରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ. ଅଶୋକ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷା ବିସେଶ୍ୱରୀ ମହନ୍ତି ଏଥିରେ ଅଧକ୍ଷତା କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଜିଲା ମଙ୍ଗଳ ଅଧିକାରୀ ସତ୍ୟପୀର ସାହୁ, ଶିଶୁ ଆଶ୍ରମ ସମ୍ପାଦକ ବିନାୟକ ପଟ୍ଟନାୟକ, ଶିଶୁ ଆଶ୍ରମ କୋଅର୍ଡିନେଟର ଅଧାପକ ଗୋପାଳକୃଷ୍ଣ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରିଥିଷଲ। ଶିଶୁ ସୁରକ୍ଷା ୟୁନିଟର ଏଲ୍‌ପିଓ ଜଗନ୍ନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ

**ପାରାଦୀପ,୫।୧୧(ସ୍ୱ.ପ୍ର.):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସୋମବାର ରାଷ୍ଟ୍ରୀୟ ଆୟୁର୍ବେଦ ଦିବସ ପାଳିତ ହୋଇଛି। ପାରାଦୀପର ଦିଶା ଆୟୁର୍ବେଦ ଅନୁଷ୍ଠାନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଚୀନ ଆୟୁର୍ବେଦ ଚକିତ୍ସା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଏମ୍‌ପି କୁଳମଣି ସାମଲ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ସୁକେଶ ମହାଲିଙ୍ଗ, ଇଫ୍‌କୋର ମାନବ ସମ୍ବଳ ଅଧିକାରୀ ଜ୍ଞାନଚାନ୍ଦ ଆଚାର୍ଯ୍ୟ, ଶିଶୁ ମନ୍ଦିର ପ୍ରଧାନଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଘାଟିତ

# ଛାତ୍ରୀଛାତ୍ରଙ୍କ ପ୍ରତିଭାରେ ମହକିତ ହୁଏ ବିଦ୍ୟାଳୟ




ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ମଞ୍ଚାସୀନ ଅତିଥି।

**ଜଗତ୍‌ସିଂହପୁର ଅଫିସ, ୫।୧୧**

ଜଗତ୍‌ସିଂହପୁର ଶ୍ରୀକୃଷ୍ଣ ଏକାଡେମୀଠାରେ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୧୮ ଉଦ୍‌ଘାଟିତ ହୋଇଯାଇଛି। ଏହି ମହୋତ୍ସବକୁ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଲେ ଯେ ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କରିବା ପାଇଁ ସୁରଭି ଆରମ୍ଭ କରାଯାଇଛି। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ଗୁଣକୁ ବିକଶିତ କରିବାରେ ମାତାପିତା, ଶିକ୍ଷୟିତ୍ରୀଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଉତ୍ସବରେ ଜିଲା ଶିକ୍ଷା ଅଧିକାରୀ ମଞ୍ଜରୀ ଦାସ କହିଲେ ଯେ ଫୁଲଟିଏ ଫୁଟି ତାର ସୁରଭିରେ ବଗିଚାକୁ ମହକିତ କଲା ଭଳି ଛାତୀଛାତ୍ର ସେମାନଙ୍କ ପ୍ରତିଭା ଦ୍ୱାରା ବିଦ୍ୟାଳୟକୁ ମହକିତ କରନ୍ତି। ଛାତ୍ରଟିଏ ଭଲ ନାଗରିକ ହୋଇପାରିଲେ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ। ଏହି ସଭାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଶକ୍ତି ପ୍ରସାଦ ମିଶ୍ର ଯୋଗଦେଇ କହିଲେ ଯେ ଅନ୍ତର୍ନିହିତ ଶକ୍ତିକୁ ପରିପ୍ରକାଶ କରିବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଯତ୍ନବାନ ହେବା ଉଚିତ। ମାନବିକତା ନ ଥିଲେ ଜଣେ ଭଲ ମଣିଷ ହୋଇପାରିବ ନାହିଁ। ଇଚ୍ଛାଶକ୍ତି ଥିଲେ ସବୁ କାର୍ଯ୍ୟ ସମ୍ଭବ। ସଭାରେ ବ୍ଲକ ଶିକ୍ଷା ଅଧିକାରୀ ମାନସ ରଞ୍ଜନ ଦାସ ଯୋଗଦେଇ କହିଲେ ଯେ ପିଲାମାନେ ଦେଶର ଭବିଷ୍ୟତ। ସେମାନଙ୍କ ପାଖରେ ଦେଶ ଗଢ଼ିବାର ଶକ୍ତିଥାଏ। ଉତ୍ସବରେ ଜିଲା ପ୍ରକଳ୍ପ ସଂଯୋଜକ ସପନ କୁମାର ଜେନା ଅଧକ୍ଷତା କରିଥିଲେ। ଏହି ଅବସରରେ ସେ କହିଲେ ଯେ, ସୁରଭି କାର୍ଯ୍ୟକ୍ରମ ପ୍ରତ୍ୟେକ ସ୍କୁଲ, କ୍ଲଷ୍ଟର, ବ୍ଲକସ୍ତରରେ କରାଯାଉଛି। କୃତୀ ପ୍ରତିଭାମାନେ ଜିଲାସ୍ତରରେ ନିଜର ପ୍ରତିଭା ପ୍ରଦର୍ଶନ କରିବେ। ଜିଲାସ୍ତରରେ ଶ୍ରେଷ୍ଠ ବିବେଚିତ ହୋଇଥିବା ପ୍ରତିଭାମାନେ ନଭେମ୍ବର ୧୪ରେ ରାଜ୍ୟସ୍ତରରେ ହେବାକୁ ଥିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଜିଲା ବିଜ୍ଞାନ ପରିଦର୍ଶକ ସୁଭାଷ ଚନ୍ଦ୍ର ରାଉତ ଯୋଗଦେଇ ପିଲାମାନଙ୍କ ସୁପ୍ତ ଚେତନାକୁ ଜାଗ୍ରତ କରିବା ପାଇଁ ଶିଶୁ ମହୋତ୍ସବ ସୁରଭି ଆୟୋଜନ କରାଯାଉଛି ବୋଲି କହିଥିଲେ। ଶ୍ରୀକୃଷ୍ଣ ଏକାଡେମୀର ପ୍ରଧାନଶିକ୍ଷକ ନବକୃଷ୍ଣ ସୂତାର ଯୋଗଦେଇ ସୁରଭି କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ସର୍ବଶିକ୍ଷା ଅଭିଯାନର ବରିଷ୍ଠ ବୈଷୟିକ ପରାମର୍ଶଦାତା ଶୁଭେନ୍ଦୁ ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

**ପାରାଦୀପ,୫।୧୧(ସ୍ୱ.ପ୍ର.):** ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଫୁଲବେଲାରୀ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପାରାଦୀପ ବନ୍ଦର କର୍ମଚାରୀ ବାବୁଲି ରାୟଙ୍କ ପୁତ୍ର ଜ୍ଞାନରଞ୍ଜନ(୨୯)। ସେ ୮ମାସ ତଳେ ବିବାହ କରିଥିଲେ। ତାଙ୍କ ସ୍ତ୍ରୀ କୁମାର ପୂର୍ଣ୍ଣମୀ ପାଇଁ ବାପଘରକୁ ଯାଇଛନ୍ତି। ରାତିରେ ଖାଇସାରିବା ପରେ ଜ୍ଞାନରଞ୍ଜନ ଘରେ ଥିବା ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଶବ୍ଦଶୁଣି ପରିବାର ଲୋକେ ତାଙ୍କ ଘର ଭିତରକୁ ପଶିବା ବେଳକୁ ଜ୍ଞାନରଞ୍ଜନ ଝୁଲୁଥିବା ଦେଖିଥିଲେ। ତୁରନ୍ତ ତାଙ୍କୁ ନିକଟସ୍ଥ ବିଜୁ ମେମୋରିଆଲ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସୋମବାର ସକାଳେ ପରିବାର ଲୋକେ ଲକ୍ ଥାନାରେ ଅଭିଯୋଗ କରିବା ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ଚେଲିତୋଳ ବାଲିଯାତ୍ରା ପାଇଁ ଭୂମି ପୂଜନ



**ତିର୍ତ୍ତୋଲ,୫।୧୧(ଡି.ଏନ୍.ଏ.):** ନୌବାଣିଜ୍ୟ ପରମ୍ପରା ସ୍ମୃତି ବହନ କରି ୨୦୦୩ରୁ ତିର୍ତ୍ତୋଲ ନିକଟ ମହାନଦୀ ପଠାରେ ପାଳିତ ହୋଇଆସୁଥିବା ଚେଲିତୋଳ ବାଲିଯାତ୍ରା ପାଇଁ ସୋମବାର ଭୂମି ପୂଜନ ହୋଇଛି। ଆସନ୍ତା ୨୩ ତାରିଖ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାଠାରୁ ୭ଦିନ ବ୍ୟାପୀ ଏହି ବାଲିଯାତ୍ରା ଅନୁଷ୍ଠିତ ହେବ। ଏଥିରେ ପଣ୍ଡିତ ଅଭୟ କୁମାର ଦାଶ ହୋମ ପୂଜା କାର୍ଯ୍ୟ ଓ ମନ୍ତ୍ରପାଠ କରି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ବିଧାୟିକା ଡା. ରାଜଶ୍ରୀ ମଲ୍ଲିକ, ଅବସରପ୍ରାପ୍ତ ଆରଡି ବିଭାଗ ମୁଖ୍ୟଯନ୍ତ୍ରୀ ଆଶୁତୋଷ ମଲ୍ଲିକ, ଜିଲା ପରିଷଦ ଅଧକ୍ଷା ପ୍ରୀୟଦର୍ଶିନୀ ବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି, ରଘୁନାଥପୁର ବ୍ଲକ ଉପାଧକ୍ଷ ଦେବାଶିଷ ତ୍ରିପାଠୀ, ତିର୍ତ୍ତୋଲ ବ୍ଲକ ଆତ୍ମା ଅଧକ୍ଷ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ଦୂରଦର୍ଶନର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା, ଜିଲା ପରିଷଦ ସଭ୍ୟ ସନାତନ ଦଲାଇ, ପ୍ରବୀର ରାୟ, ତେଜାଲିନ ମହାପାତ୍ର, ଅଶ୍ୱିନୀ ଦାସ, ସରପଞ୍ଚ ରମେଶ ଚନ୍ଦ୍ର କୁଅଁର, ସରପଞ୍ଚ ଚିତ୍ତରଞ୍ଜନ ରଥ ଉପସ୍ଥିତ ଥିଲେ।

## ■ ଗଙ୍ଗଦାହାଟରେ ଚୋରାମଦ କାରବାରକୁ ବିରୋଧ

# ବଜାର କମିଟିର ରାସ୍ତାରୋକୋ

**ନାଉଗାଁ,୫।୧୧(ସ୍ୱ.ପ୍ର.)**



ଗଙ୍ଗଦାହାଟ ବଜାରଠାରେ ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

ନାଉଗାଁ ବ୍ଲକ ଗଙ୍ଗଦା ହାଟରେ ବ୍ୟାପକ ଚୋରାମଦ ବ୍ୟବସାୟ ଚାଲିଛି। ଏହାକୁ ବିରୋଧ କରି ସୋମବାର ଗଙ୍ଗଦାହାଟ ବଜାର କମିଟି ପକ୍ଷରୁ ଟାୟାର ଜାଳି ଶିଖରଘାଟ ମୁଖ୍ୟ ରାସ୍ତା ଅବରୋଧ କରାଯାଇଥିଲା। ଫଳରେ ୨ଘଣ୍ଟା ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ପରେ ସାପ୍ତାହିକ ହାଟ ଓ ଆଗକୁ ଦୀପାବଳି, କାଳିପୂଜା ଥିବାରୁ ବଜାର କମିଟି ପକ୍ଷରୁ ଆଲୋଚନା କରାଯାଇ ରାସ୍ତାରୋକୋ ପ୍ରତ୍ୟାହାର କରାଯାଇଥିଲା। ନାଉଗାଁ ଥାନା ପୋଲିସ ପହଞ୍ଚିବା ପୂର୍ବରୁ ଧାରଣା ପ୍ରତ୍ୟାହୃତ ହୋଇସାରିଥିଲା। ପରବର୍ତ୍ତୀ ସମୟରେ ଚୋରା ମଦ ବନ୍ଦ କରିବା ପାଇଁ ବଜାର କମିଟି ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ଏହି ବ୍ଲକର ନାଉଗାଁ ଛକଠାରେ ଏକ ସରକାରୀ ମଦ ଦୋକାନ ରହିଛି। କେତେଜଣ ଚୋରାମଦ ବ୍ୟବସାୟୀ ପୁରୀ ଜିଲା କାକଟପୁର, ନୂଆହାଟ ଓ ଅନ୍ୟ ସ୍ଥାନରୁ ଦେଶୀ ଓ ବିଦେଶୀ ମଦ ଆଣି ଖୋଲାଖୋଲି ଭାବେ ଉକ୍ତ ବଜାରରେ ବିକ୍ରି କରୁଛନ୍ତି। ଏହି ବଜାର ନିକଟରେ ଶ୍ରୀ ଶ୍ରୀ ମଉଳାଭଣଜା ମହାବିଦ୍ୟାଳୟ, ଶ୍ରୀ ଶ୍ରୀ ମଉଳା ଭଣଜା ମହାଦେବ ମନ୍ଦିର, ଉତ୍କଳମଣି ଗୋପବନ୍ଧୁ ଶିଶୁ ମନ୍ଦିର, ଅଚ୍ୟୁତ ଇଂରାଜୀ ମିଡିୟମ ବିଦ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଅଙ୍ଗେଶ୍ୱରପଡ଼ା ଉଚ୍ଚ ବିଦ୍ୟାଳୟ, କସ୍ତୁରବା ଉଚ୍ଚ ବିଦ୍ୟାଳୟ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ରହିଛି। ତେଣୁ ଜନସାଧାରଣ, ଛାତ୍ରୀଛାତ୍ର ଏହି ବଜାର ଦେଇ ଯିବାଆସିବା କରନ୍ତି। ଚୋରା ମଦ କାରବାର ଯୋଗୁ ମଦ୍ୟପମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଦ୍ୱାରା ଏହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଛି। ତେଣୁ ମଦ ବିକ୍ରି ବନ୍ଦ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ୍ୟ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ।

■ମଦ ଯୋଗୁ ବୃଦ୍ଧି ପାଉଛି ଅସାମାଜିକ କାର୍ଯ୍ୟକଳାପ

■୨ ଘଣ୍ଟା ଧରି ଗାଡି ଚଳାଚଳ ବ୍ୟାହତ

କେବଳ ଲୋକଦେଖାଣିଆ ଭାବେ ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇ ପରେ ଛାଡି ଦିଆଯାଉଛି। ତେଣୁ ଜେଲରୁ ଫେରି ସେମାନେ ପୁନର୍ବାର ମଦ ବ୍ୟବସାୟ କରୁଛନ୍ତି। ଏହାକୁ ବିରୋଧ କରି ଡେରିକି ସରପଞ୍ଚ ତୁଳସୀ ସ୍ୱାଇଁ ୨୦୧୭ ମେ ୨୧ରେ ପ୍ରଥମ ପଞ୍ଚାୟତ ବୈଠକରେ ମଦ ବନ୍ଦ ନିଷ୍ପତ୍ତି ନେଇଥିଲେ। ଫଳରେ କିଛିଦିନ ଚୋରାମଦ ବ୍ୟବସାୟ ବନ୍ଦ ରହିଥିଲା। ପରବର୍ତ୍ତୀ ସମୟରେ ୧୧ ସେପ୍ଟେମ୍ବର ୨୦୧୭ରେ ବଜାର କମିଟିର ସଦସ୍ୟମାନେ ଚୋରା ମଦ ଗାଡି ଧରିବା ସହିତ ପୋଲିସକୁ ହସ୍ତାନ୍ତର କରିଥିଲେ। ବାରମ୍ବାର ବଜାର କମିଟି ଓ ସରପଞ୍ଚ ମଦ ବନ୍ଦ ପାଇଁ ଦାବି କରୁଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ସୋମବାର ବଜାର କମିଟି ପକ୍ଷରୁ କମିଟି ସଭାପତି ବିଜୟ ବେହେରା, ସମ୍ପାଦକ ଧରଣୀଧର ଜେନା, ସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ଚୋରା ମଦ କାରବାର ବନ୍ଦ ନ ହେଲେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ଦିବ୍ୟାଙ୍ଗ ବାଳିକାଙ୍କୁ ମିଳୁନି ଭତ୍ତା

**ବାଲିଆ,୫।୧୧**

■୧୦୦ ପ୍ରତିଶତ ଅକ୍ଷମ ବୋଲି ମିଳିଛି ପ୍ରମାଣପତ୍ର

■ଜିଲାପାଳଙ୍କୁ ଅଭିଯୋଗ କରି ମଧ୍ୟ ମିଳୁନି ସୁଫଳ



ମା'ଙ୍କ ସହ ଟ୍ୱିଙ୍କିଲ

ସରକାର ଦିବ୍ୟାଙ୍ଗମାନଙ୍କ ପାଇଁ ଅନେକ ଯୋଜନା କରିଛନ୍ତି। ଭତ୍ତାଠାରୁ ଆରମ୍ଭ କରି ବିଭିନ୍ନ ସହାୟତା ଉପକରଣ ପ୍ରଦାନ କରୁଛନ୍ତି। ସେହିପରି ବାଳିକାମାନଙ୍କ ବିକାଶ, ଶିକ୍ଷା ଆଦି ନିମନ୍ତେ ସରକାର ଅଗ୍ରାଧିକାର ଦେଉଥିବା କହୁଛନ୍ତି। ମାତ୍ର ପରିତାପର ବିଷୟ ବିରିଡି ବ୍ଲକର ଜଣେ ଦିବ୍ୟାଙ୍ଗ ବାଳିକା ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି। ସବୁଠୁ ବଡ଼ ଦୁର୍ଭାଗ୍ୟର ବିଷୟ ଯେ, ଏ ସମ୍ପର୍କରେ ତାଙ୍କ ପରିବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ସୂଚନା ଅନୁଯାୟୀ, ଏହି ବ୍ଲକ ବାଲିଆ ଗୋପୀନାଥପୁର ପଞ୍ଚାୟତର ୧୮ନଂ. ୱାର୍ଡ ବାସିନ୍ଦା ସତ୍ୟନାରାୟଣ ସାହୁ ଓ କାବେରୀ ସାହୁଙ୍କ ଝିଅ ଟ୍ୱିଙ୍କିଲ୍(୧୨) ଜଣେ ଦିବ୍ୟାଙ୍ଗ। ଜନ୍ମରୁ ତାଙ୍କ ଆଖିକୁ ଦେଖାଯାଉ ନାହିଁ। ପାଟି ଖୋଲୁ ନାହିଁ କି କାନକୁ ଶୁଭୁନାହିଁ। ଜଣେ ଦୃଷ୍ଟିହୀନ, ମୂକ ଓ ବଧିର ଭାବେ ସେ ଜୀବନ ବିତାଉଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ, ଦିବ୍ୟାଙ୍ଗମାନେ ସହାୟତା ପାଇବା ପାଇଁ ହେଲେ ଭିନ୍ନକ୍ଷମ ପ୍ରମାଣପତ୍ର ଆବଶ୍ୟକ।

ତେଣୁ ଗତ ମାର୍ଚ୍ଚ ୨୩ରେ ତାଙ୍କ ବାପା ସତ୍ୟ ନାରାୟଣ ବିରିଡ଼ିରେ ଅନୁଷ୍ଠିତ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ତାଙ୍କୁ ନେଇଥିଲେ। ସେଠାରେ ଡାକ୍ତର ଟ୍ୱିଙ୍କିଲଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଥିଲେ, ଯେଉଁଥିରେ ସେ ୧୦୦% ଅକ୍ଷମ ବୋଲି ଦର୍ଶାଯାଇଛି। ପ୍ରମାଣପତ୍ର ପାଇବାର ୮ ଦିନ ମଧ୍ୟରେ ଝିଅକୁ ସାଙ୍ଗରେ ନେଇ ସତ୍ୟନାରାୟଣ ବାଲିଆ ଗୋପୀନାଥପୁର ଗ୍ରାମ ପଞ୍ଚାୟତକୁ ଯାଇଥିଲେ। ସେଠାରେ ଝିଅର ଭତ୍ତା ପାଇଁ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ମାତ୍ର ଅଦ୍ୟାବଧି ଟ୍ୱିଙ୍କିଲଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ। ତେଣୁ ଝିଅର ଭତ୍ତା ପାଇଁ ସତ୍ୟନାରାୟଣ ଗତ ଜୁଲାଇ ମାସରେ ବିରିଡିରେ ହୋଇଥିବା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ। ଜିଲାପାଳ ତରୁନ୍ତ ଭତ୍ତା ପ୍ରଦାନ ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ମତଧ ଟ୍ୱିଙ୍କିଲଙ୍କୁ ଭତ୍ତା ମିଳିନାହିଁ।

# ପିଆଇସିଟି ବିରୋଧରେ ଥାନାର ଦ୍ୱାରସ୍ଥ ହେଲା ଭାଜପା

**ପାରାଦୀପ,୫।୧୧(ସ୍ୱ.ପ୍ର.)**



ଭାଜପା କର୍ମୀମାନେ ଥାନାରେ ଅଭିଯୋଗ କରୁଛନ୍ତି।

ପାରାଦୀପ ବନ୍ଦରରେ ବିଓଟି (ବିଲ୍ଟ ଅପରେଟ୍ ଟ୍ରାନ୍ସପୋର୍ଟ) ବ୍ୟବସ୍ଥାରେ ୩୦ ବର୍ଷ ପାଇଁ ଏକ ବର୍ଥ ନେଇଥିବା ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) କମ୍ପାନୀ ବିରୋଧରେ ସୋମବାର ଭାଜପା ଯୁବମୋର୍ଚ୍ଚା ଥାନାର ଦ୍ୱାରସ୍ଥ ହୋଇଛି। ଉକ୍ତ କମ୍ପାନୀ ବିଭିନ୍ନ କ୍ଷେତ୍ରରେ ବେନିୟମ କାର୍ଯ୍ୟ କରୁଥିବା ସ୍ଥାନୀୟ ଜଟାଧାର ମୁହାଣ ସାମୁଦ୍ରିକ ଥାନାରେ ଅଭିଯୋଗ କରିଛି ଦଳ। ଶତାଧିକ କର୍ମୀଙ୍କ ଦସ୍ତଖତ ସମ୍ବଳିତ ଏହି ଅଭିଯୋଗକୁ ଆଧାର କରି ଷ୍ଟେଶନ ଡାଏରୀ (୨୭/୧୮)କରାଯାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ ଉକ୍ତ କମ୍ପାନୀ ନିଯୁକ୍ତିଠାରୁ ଆରମ୍ଭ କରି ଘରୋଇ ସିକ୍ୟୁରିଟି ମୁତୟନ କରି ଗେଟ୍ ତଦାରଖ କରିବା ପର୍ଯ୍ୟନ୍ତ ବିଭିନ୍ନ ବେନିୟମ କାର୍ଯ୍ୟ କରୁଛି। କମ୍ପାନୀକୁ ଅହେତୁକ ଭାବେ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ଏହାଦ୍ୱାରା ଦେଶର ରାଜସ୍ୱ ହାନୀ ହେଉଛି। ରାସ୍ତା ସମ୍ମୁଖରେ ପାର୍କିଂଠାରୁ ଆରମ୍ଭ କରି ଜାହାଜରେ ଆସୁଥିବା ପଣ୍ୟ କାରବାର ସମ୍ପର୍କରେ ଦଳ ପ୍ରଶ୍ନ ଉଠାଯାଇଛି। ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଦସ୍ୟ ଗତିକୃଷ୍ଣ ଶତପଥୀ, ବଜରଙ୍ଗୀ ସ୍ୱାଇଁ ପ୍ରମୁଖ ଉକ୍ତ କମ୍ପାନୀ ବିରୋଧରେ ନାରାବାଜି କରିବା ସହ ଏତଲା ଦେଇଥିଲେ। ସୂଚନାଯୋଗ୍ୟ, ଯେ ଏହି କର୍ମକର୍ତ୍ତାଙ୍କ ଦ୍ୱାରା ସୃଷ୍ଟ ପାରାଦୀପ କ୍ରାନ୍ତି ସେନା ଗତ ଅକ୍ଟୋବର ୨୬ରେ ସମାନ କମ୍ପାନୀ ବିରୋଧରେ ପାରାଦୀପ ବନ୍ଦର କର୍ତ୍ତୃପକ୍ଷଙ୍କୁ ଏକ ଦାବିପତ୍ର ଦଇେଥିଲେ। ଉକ୍ତ ଅଭିଯୋଗ ଆଧାରରେ ଯଦି ଉପଯୁକ୍ତ ତଦନ୍ତ କରା ନ ଯାଏ ତେବେ ଆଗାମୀ ଦିନରେ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ଓ ଦରକାର ହେଲେ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ ହେବ ବୋଲି ଶତପଥୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ କୁଳମଣି ପଣ୍ଡାଙ୍କୁ ପଚାରିବାରେ ସେ ବ୍ୟସ୍ତ ଥିବା ଦର୍ଶାଇ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି।

# ଯୁବତୀଙ୍କୁ ବଳାତ୍କାର ଅଭିଯୋଗ

**ନାଉଗାଁ,୫।୧୧(ସ୍ୱ.ପ୍ର.)**

ନାଉଗାଁ ଥାନା ଅଞ୍ଚଳର ଜଣେ ଦଳିତ ଯୁବତୀଙ୍କୁ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏନେଇ ରବିବାର ଯୁବତୀ ଜଣଙ୍କ ଥାନାରେ ଅଭିଯୋଗ କରିଥିବାବେଳେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଅଭିଯୋଗ ଅନୁଯାୟୀ, ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ତାଙ୍କ ଅଞ୍ଚଳର ବିଜୟ କୁମାର ସ୍ୱାଇଁ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଜଣଙ୍କ ଗର୍ଭବତୀ ହୋଇଥିଲେ। ବିବାହ କଥା କହିବାରୁ ଅଭିଯୁକ୍ତ ତାଙ୍କୁ ଗର୍ଭନଷ୍ଟ କରିବାକୁ ପ୍ରବର୍ତ୍ତାଇଥିଲେ। ଏପରିକି ଗର୍ଭନଷ୍ଟ ନ କଲେ ଯୁବତୀଙ୍କୁ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଯୁବତୀ ଜଣଙ୍କ ଏବେ ୭ମାସର ଗର୍ଭବତୀ ଅଛନ୍ତି। ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସେ ସୁରକ୍ଷା ଦାବି କରିଛନ୍ତି। ଏନେଇ ମାମଲା ନଂ.୧୨୮/୧୮ ରୁଜୁ ହୋଇଥିବାବେଳେ ଯୁବତୀଙ୍କୁ ଡାକ୍ତରୀ ମାଇନା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଘଟଣାର ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮



ସବୁ କଳହର ସୂତ୍ର ହେଉଛି - ଉଭୟ ପକ୍ଷରେ ଦୁର୍ବଳତା ଥାଏ।
- ଭଲ୍‌ଟାୟାର



## ସଂକ୍ଷେପରେ

### ଆଜି କାଳୀପୂଜା ତିନି ଭଉଣୀଙ୍କ ପୀଠ ଉତ୍ସବମୁଖର

**ପୁରୀ ଅଫିସ,୫।୧୧:** ମଙ୍ଗଳବାର କାଳୀପୂଜା। ପୁରୀ ଜିଲାର ବିଭିନ୍ନ ସ୍ଥାନରେ ମା’ କାଳୀଙ୍କ ଆରାଧନା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିଶେଷକରି ପୁରୀ ସହରରେ ଥିବା ମା’ ଶ୍ୟାମାକାଳୀ, ବାଟକାଳୀ, ଗଛକାଳୀଙ୍କ ପୀଠରେ ବେଶ୍ ଧୁମ୍‌ଧାମରେ ପୂଜା ଅନୁଷ୍ଠିତ ହେଉଛି। ସେହିପରି ଜିଲାର ଶାସନ ବୀରପ୍ରତାପପୁର, ସମଯାଜପୁର ଏବଂ ବୀରଗୋବିନ୍ଦପୁର ଗ୍ରାମ ମଧ କାଳୀପୂଜା ପାଇଁ ଉତ୍ସବମୁଖର ହୋଇପଡିଛି। ସଦର ମହକୁମାଠାରୁ ୧୫ କିମି ଦୂରରେ ଅବସ୍ଥିତ ଏହି ୩ ଗ୍ରାମରେ ପୂଜା ପାଉଛନ୍ତି ତିନି ଭଉଣୀ। ଶାସନ ବୀରପ୍ରତାପପୁରରେ ବଡ଼ ଭଉଣୀ ଦେବୀ କାମରୂପା, ସମଯାଜପୁରରେ ମଝିଆ ଭଉଣୀ ଉଗ୍ରତାରା ଏବଂ ବୀରଗୋବିନ୍ଦପୁର ଶାସନରେ ପୂଜିତ ହେଉଛନ୍ତି ସାନ ଭଉଣୀ ମା’ ଦକ୍ଷିଣକାଳୀ। ବର୍ଷତମାମ ଦକ୍ଷିଣକାଳୀ ଏବଂ ଉଗ୍ରତାରାଙ୍କ ପୀଠରେ ପଟି ପୂଜା ପାଉଥିବାବେଳେ କାମରୂପା ପୀଠରେ ଦେବୀଙ୍କ ପ୍ରସ୍ତର ମୂର୍ତ୍ତି ପୂଜା ପାଇଆସୁଛନ୍ତି। କିନ୍ତୁ କାର୍ତ୍ତିକ ଅମାବାସ୍ୟ ତଥା କାଳୀପୂଜାରେ ଏହି ତିନି ପୀଠରେ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଥାନ୍ତି। ତିନି ଭଉଣୀଙ୍କ ମୂର୍ତ୍ତି ତତ୍ତ୍ୱ ପ୍ରାୟ ସମାନ। କାଳୀପୂଜାରେ ସମାନ ରୀତିନୀତିରେ ପୂଜିତ ହୁଅନ୍ତି ତିନିଭଉଣୀ। ବର୍ଷକରେ ଗୋଟିଏ ଦିନ କାଳୀପୂଜା ବିସର୍ଜନ ପର୍ବରେ ତିନି ଭଉଣୀ ଭେଟ ହୋଇଥାନ୍ତି।

### ଅଭିଯୋଗ ଶୁଣାଣି ଶିବିର ୨୧୩ ଅଭିଯୋଗ ଶୁଣିଲେ ଜିଲାପାଳ



**ନୟାଗଡ଼ ଅଫିସ,୫।୧୧:** ଜିଲାପାଳଙ୍କ ସମ୍ମିଳନୀକକ୍ଷରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୧୩ଟି ଅଭିଯୋଗକୁ ଜିଲାପାଳ ଶୁଣାଣି କରିଛନ୍ତି। ସେଥିରୁ ୬ଟି ଗ୍ରାମ ସମସ୍ୟା ରହିଛି। ସେହିଭଳି ୮ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ସହାୟତା ପାଣ୍ଠିରୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଶେଷକରି ବିଜୁ ପକ୍କା ଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଶନ କାର୍ଡ ଆଦି ବିଷୟରେ ଅଭିଯୋଗ ଆସିଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି ଅଭିଯୋଗ ଶୁଣାଣିରେ ପିଡି ଅନାମ ଚରଣ ପାତ୍ର, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପେଟ ରୋଗ ନିରାକରଣ ପାଇଁ ସଚେତନତା କାର୍ଯ୍ୟକ୍ରମ



**ଭାପୁର,୫।୧୧(ଡି.ଏନ.ଏ.):** ଆଧୁନିକ ଜୀବନଶୈଳୀ ଓ ବିଭିନ୍ନ ପ୍ରକାର ଚର୍ବିଜାତୀୟ ଖାଦ୍ୟ ଖାଇବା ଯୋଗୁ ପେଟ ରୋଗ ହେଉଥିବା ଦେଖିବାକୁ ମିଳୁଛି। ଏହାର କାରଣ ଓ ନିରାକରଣ ନେଇ ଏକ ଡାକ୍ତରୀ ଦଳ ଭାପୁରଠାରେ ସଚେତନତା ସୃଷ୍ଟି କରିଥିଲେ। ରବିବାର ସ୍ମାଇଲଫ୍ଲିଜ୍ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଭାପୁରଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଖବରଦାତା ଶ୍ରୀକାନ୍ତ କୁମାର ରାଉତ ପରିଚାଳନା କରିଥିଲେ। ଓଡ଼ିଶାର ବିଶିଷ୍ଟ ଡାକ୍ତର ଶରତ ଚନ୍ଦ୍ର ପାଣିଗ୍ରାହୀ ଏହି ଶିବିରରେ ଯୋଗଦେଇ ପେଟ ରୋଗ ନିରାକରଣ ଉପରେ ସଚେତନତା ବାର୍ତ୍ତା ଦେଇଥିଲେ। ଅଞ୍ଚଳର ବରିଷ୍ଠ ଆଇନଜୀବୀ କେଦାରନାଥ ସାହୁ ଓ ପ୍ରଶାନ୍ତ ବାରିକ ଯୋଗଦେଇଥିଲେ। ସନ୍ତୁଳିତ ଖାଦ୍ୟ ଖାଇଲେ ପେଟରୋଗକୁ ଦୂରେଇ ରଖିହେବ ବୋଲି ଡାକ୍ତର ପାଣିଗ୍ରାହୀ କହିଥିଲେ। ଏହି ଶିବିରରେ ୫୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇଥିଲେ।

### ଶ୍ରୀ ଶ୍ରୀ ଧନ୍ୱନ୍ତରୀ ଜୟନ୍ତୀ

**ନିରାକାରପୁର,୫।୧୧(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଦେବତାମାନଙ୍କ ବୈଦ୍ୟ ଭାବେ ପରିଚିତ ଶ୍ରୀ ଶ୍ରୀ ଧନ୍ୱନ୍ତରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରାମସ୍ଥିତ ପ୍ରାୟ ୪୪ ଘର ମଧ୍ୟରୁ ୪୦ ଘର ଆୟୁର୍ବେଦିକ୍ ଜଡ଼ିବୁଟି ଚିକିତ୍ସକ ହୋଇଥିବାରୁ ଏହି ବୈଦ୍ୟମାନେ ସୋମବାର ଉକ୍ତ ପର୍ବକୁ ଧୁମ୍‌ଧାମ୍‌ର ସହ ପାଳନ କରୁଛନ୍ତି। ପ୍ରଭୁ ଧନ୍ୱନ୍ତରୀଙ୍କ ପାଦତଳେ ବିଭିନ୍ନ ଭାଷାର ଆୟୁର୍ବେଦିକ ପୁସ୍ତକ ଓ ଜଡ଼ିବୁଟି ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ ପୂଜା କରାଯାଉଥିବା ଦେଖିବାକୁ ମିଳିଥିଲା। ତେବେ ବିଭିନ୍ନ କାରଣରୁ ଏହି କୌଳିକ ବୃତ୍ତି ଲୋପପାଇବାକୁ ବସିଲାଣି ବୋଲି କବିରାଜ ନାରାୟଣ ମହାନ୍ତି ସୂଚନା ଦେଇଛନ୍ତି।

## ଭିଡ଼ ସାଙ୍ଗକୁ ଗୁଳୁଗୁଳି

# ଶ୍ରୀମନ୍ଦିରରେ ଏକାଧିକ ଭକ୍ତ ଅସୁସ୍ଥ

**ପୁରୀ ଅଫିସ,୫।୧୧**

**ଭିତରକୁ ଯିବାକୁ ହବିଷିଆଳିଙ୍କ ଭୟ**

କାର୍ତ୍ତିକ ମାସ ଯୋଗୁ ଏବେ ଶ୍ରୀମନ୍ଦିରରେ ଅଧିକ ଭିଡ଼ ହେଉଛି। ବିଶେଷକରି ଏହି ମାସର ଛୁଟି ଦିନଗୁଡ଼ିକରେ ସ୍ଥିତି ଅସମ୍ଭାଳ ହୋଇପଡୁଛି। ନିୟନ୍ତ୍ରଣ କରିବାରେ ଜେଟିପି ଏବଂ ପୋଲିସ ଅସହାୟ ହୋଇପଡୁଛନ୍ତି। ଏବେ ପ୍ରାୟ ସବୁଦିନ ବଡ଼ଦେଉଳରେ ଗହଳି ରହୁଛି। ସୋମବାର ବି ଶ୍ରଦ୍ଧାଳୁଙ୍କ ବେଶ୍ ଭିଡ଼ ହୋଇଥିଲା। ଖରା ଏବଂ ଗୁଳୁଗୁଳି ଯୋଗୁ ଏକାଧିକ ଭକ୍ତ ଅସୁସ୍ଥ ହୋଇପଡିଥିଲେ। ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅନ୍ୟପକ୍ଷରେ ସାତପାହାଚରେ ଭିଡ଼କୁ ଦେଖି ଅନେକ ହବିଷିଆଳି ଭିତରକୁ ଦର୍ଶନ ପାଇଁ ଯିବାକୁ ଭୟ କରୁଛନ୍ତି। ପୂର୍ବରୁ ସେମାନେ ଭିତରେ କିପରି ଦର୍ଶନ ପାଇଁ ଠେଲାପେଲା ହେଉଛି ତାହା ଅଙ୍ଗେ ନିଭାଇଥିବାରୁ କେବଳ ବେଢା ପରିସର ବିଭିନ୍ନ ମନ୍ଦିର ବୁଲି ଫେରୁଛନ୍ତି।

ପୂର୍ବାହ୍ନ ପ୍ରାୟ ସାଢେ ୧୦ଟାରେ ନୂଆପଡ଼ା ଜିଲା ଖଡ଼ିଆଳର ବିଶ୍ୱମ୍ଭର ପରୁଆ (୭୫) ପରିବାର ସଦସ୍ୟଙ୍କ ସହ ଶ୍ରୀମନ୍ଦିରକୁ ଦର୍ଶନ ପାଇଁ ଆସିଥିଲେ। ଏହି ସମୟରେ ପ୍ରବଳ ଗହଳି ରହିଥିଲା। ତେଣୁ ଦୀର୍ଘ ସମୟ ଧରି ଅପେକ୍ଷା କରିବା ପରେ ସେମାନେ ଜଗମୋହନ ଭିତରକୁ ଦର୍ଶନ ପାଇଁ ଯାଇଥିଲେ। ହେଲେ ସେତେବେଳେ ବି ଭିଡ଼ କମି ନ ଥିଲା। ଠେଲାପେଲା ଭିତରେ ବିଶ୍ୱମ୍ଭର ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡିଥିଲେ। ବାହାରକୁ ଯିବାକୁ ଚେଷ୍ଟା କରିଥିଲେ ମଧ ସମ୍ଭବ ହୋଇ ନ ଥିଲା। ଫଳରେ ତାଙ୍କ ମୁଣ୍ଡ ବୁଲାଇଦେବାରୁ ସେ ତଳେ ପଡିଯାଇଥିଲେ। ସେଠାରେ ମୁତୟନ ଥିବା ପୋଲିସ କର୍ମଚାରୀଙ୍କ ସହାୟତାରେ ପରିବାର ସଦସ୍ୟ ତାଙ୍କୁ ବାହାରକୁ ନେଇଆସିଥିଲେ। ସଙ୍ଗେ ସଙ୍ଗେ ଶ୍ରୀମନ୍ଦିର ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସାଲାଇନ ଲାଗିବା ସହ ପ୍ରାୟ ୨ ଘଣ୍ଟା ଧରି ତାଙ୍କର ଚିକିତ୍ସା କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୪୫ରେ ଅନ୍ୟ ଜଣେ ମହିଳା ଭକ୍ତ ଶ୍ରୀମନ୍ଦିର ଭିତରେ ଅସୁସ୍ଥ ହୋଇପଡିଥିଲେ। କେନ୍ଦୁଝର ଜିଲା ଶୋଷ ଥାନା ଅନ୍ତର୍ଗତ ବାଙ୍ଗର ଗ୍ରାମର ରମ୍ଭା ବିନ୍ଧାଣୀ (୮୨) ସପରିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଆସିଥିଲେ। ଏହି ସମୟରେ ପ୍ରବଳ ଭିଡ଼ ଯୋଗୁ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ଶ୍ରୀମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସୁସ୍ଥ ହେବା ପରେ ସେ ଘରକୁ ଫେରିଯାଇଥିବା ଜଣାପଡିଛି। ମନ୍ଦିରରୁ ଅସୁସ୍ଥ ହୋଇ ଆସିଥିବା ଏହି ଦୁଇ ଶ୍ରଦ୍ଧାଳୁଙ୍କୁ ସହାୟର ସ୍ୱେଚ୍ଛାସେବୀମାନେ ହସ୍ପିଟାଲରେ ସହଯୋଗ କରିଥିଲେ। ସେହିପରି ଦର୍ଶନ କରୁଥିବା ବେଳେ ଠେଲାପେଲରେ ସାକ୍ଷୀଗୋପାଳର ବଳଭଦ୍ର ରାଉତ (୭୫) ତଳେ ପଡିଯାଇ ଆହତ ହୋଇଥିଲେ। ତାଙ୍କୁ ମନ୍ଦିର ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଜଣାପଡିଛି।

# ଜୀବନକୁ ସରସ, ସୁନ୍ଦର କରିଥାଏ ଭାଗବତ



ଜଣେ ପ୍ରବଚକ ଭାଗବତ କଥାମୃତ ପ୍ରବଚନ ଦେଉଛନ୍ତି।

**ପୁରୀ ଅଫିସ, ୫।୧୧**

ଜୀବନ ଜଞ୍ଜାଳ ତଥା ଲୋଭ, ମୋହ ଓ ମାୟାରୁ ମୁକ୍ତିଦିଏ ଭାଗବତ। ଜୀବନର ରହସ୍ୟକୁ ଜଣେଇଦେବା ସହିତ ଜନମ ଓ ମରଣ ଚକ୍ରରୁ ମୁକ୍ତି କରିଦେବାର ରାସ୍ତା ବତାଇଥାଏ ଭାଗବତ। ୧୭ଟି ମହାପୁରାଣ ରଚନା କଳାପରେ ଅଷ୍ଟାଦଶ ମହାପୁରାଣ ଭାବେ ଶ୍ରୀମଦ୍ ଭାଗବତ ମହାପୁରାଣକୁ ରଚନା କରିଥିଲେ ମହର୍ଷି ବ୍ୟାସଦେବ। ସମସ୍ତ ଶାସ୍ତ୍ରର ରହସ୍ୟ ଓ ନିର୍ଯାସ ଏଥିରେ ସ୍ଥାନ ଦେଇଥିବାରୁ କୁହାଯାଏ ବିଦ୍ୟାବତାଂ ଭାଗବତେ ପରୀକ୍ଷା। ବିଦ୍ୟା ଅଧ୍ୟୟନର ପ୍ରକୃତ ପରୀକ୍ଷା ଭାଗବତରେ ହିଁ ହୁଏ। ଭାଗବତ ଜୀବନକୁ ସରସ, ସୁନ୍ଦର ଓ ଶୃଙ୍ଖଳିତ କରିଥାଏ ବୋଲି କହିଛନ୍ତି ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର। ପୁରୀ ସଦର ତଣ୍ଡିକେରାର ଶ୍ରୀତାଡ଼କେଶ୍ୱର ମନ୍ଦିରଠାରେ ରବିବାର ଭାଗବତ କଥାମୃତ ମହୋତ୍ସବରେ ଉଦ୍‌ଘାଟକ ରୂପେ ଯୋଗଦେଇ ଡ. ମିଶ୍ର ଏହି ମତ ଦେଇଛନ୍ତି। ବାବା ଚୈତନ୍ୟ ଚରଣ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ଅତିଥି ଭାବେ ଯୋଗଦେଇଥିଲେ ଶ୍ରୀଅଲାରନାଥଙ୍କ ସେବକ ନୀଳମଣି ସୁଆର ଏବଂ ବ୍ରହ୍ମଗିରି ଐତିହ୍ୟ ପରିଷଦର ସଭାପତି ଅଧ୍ୟାପକ କାଶୀନାଥ ନାୟକ। ଏଥିରେ ଡ. ଶଙ୍କର୍ଷଣ ମଙ୍ଗରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ମହନ୍ତ ବୈଷ୍ଣବ ଚରଣ ଦାସ ପ୍ରବଚନ ଦେଇଥିଲେ। ଉପେନ୍ଦ୍ର କୁମାର ସାମନ୍ତରାୟ ଅତିଥି ପରିଚୟ ଓ ୧୨ ବର୍ଷ ଧରି ଅନୁଷ୍ଠିତ ହେଉଥିବା ଏହି ମହୋତ୍ସବର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଆଚାର୍ଯ୍ୟ ପ୍ରିୟପ୍ରସାଦ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ଦ୍ୱାରିକାନାଥ ବିଶ୍ୱାଳ ମହୋତ୍ସବ ପରିଚାଳନା କରିଥିଲେ।

# ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

**ଗଣିଆ,୫।୧୧(ଡି.ଏନ୍.ଏ.)**

ଗଣିଆ ବ୍ଲକ ଆଡକଟା ପଞ୍ଚାୟତ ଧୂଆଁମଡା ଗ୍ରାମବାସୀଙ୍କ ତରଫରୁ ୯ଦିନ ବ୍ୟାପୀ ଚାଲୁରହିଥିବା ଷୋଡଶ ବାର୍ଷିକ ଶ୍ରୀରାମଚରିତ ମାନସ ଓ ନବାହ୍ନ ପାରାୟଣ ସୋମବାର ଅପରାହ୍ନରେ ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଯାଇଛି। ଗତ ଅକ୍ଟୋବର ୨୭ ତାରିଖରେ ଶୁଭାଧିବାସ ଅବସରରେ ଘଟ ସ୍ଥାପନ ସହ ଅଖଣ୍ଡ ହନୁମାନ ଚାଳିଶା ପାଠ କରାଯାଇଥିଲା। ପରେ ୯ଦିନ ବ୍ୟାପୀ ପ୍ରତ୍ୟହ ସୂର୍ଯ୍ୟପୂଜା, ଗୋପୂଜା, ଶ୍ରୀରାମଚରିତମାନସ ପଠନ, ବାଳଗୋପାଳ ସେବା, ବ୍ରାହ୍ମଣ ସେବା, ସାଧୁସେବା, ଠାକୁର ଆଳତି, ଦୀପଯଜ୍ଞ, ପ୍ରବଚନ ସହ ଧର୍ମୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୋମବାର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମରେ



ସୂର୍ଯ୍ୟପୂଜା ଅବସରରେ ଗ୍ରାମବାସୀବୃନ୍ଦ।

ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ଶ୍ରୀରାମଚରିତ ମାନସ ରସାମୃତ ଶ୍ରବଣ କରିଥିଲେ। ଏଥିସହ ଗଣିଆ ଓ ବିଭିନ୍ନ ଅଞ୍ଚଳରୁ ବହୁ ସାଧୁସନ୍ଥ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବ୍ୟାସ ଭାବେ ବ୍ରହ୍ମଚାରୀ ରାଘବ ଚୈତନ୍ୟ ଦାଶ, ଆଚାର୍ଯ୍ୟ ଭାବେ ସୁବାସ ଚନ୍ଦ୍ର ଶତପଥୀ, ପାରାୟଣ ପରିଚାଳନାରେ ଦୀନବନ୍ଧୁ ଦାଶ ଦାୟିତ୍ୱ ତୁଲାଇଥିଲେ।

## ଅଙ୍ଗନୱାଡି କର୍ମୀ ନିଯୁକ୍ତି ସାକ୍ଷାତ୍‌କାରରେ ଅନିୟମିତତା ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ.ଏ.):** ଟାଙ୍ଗୀ ବ୍ଲକ୍ ରତନପୁର ପଞ୍ଚାୟତରେ ଅଙ୍ଗନୱାଡ଼ି କର୍ମୀ ନିଯୁକ୍ତି ନେଇ ହୋଇଥିବା ସାକ୍ଷାତ୍‌କାରରେ ଅନିୟମିତତା, ପକ୍ଷପାତିତା ଅଭିଯୋଗ ହୋଇଛି। ଚଳିତବର୍ଷ ସେପ୍ଟେମ୍ବର ୧୭ରେ ଏଥିନିମନ୍ତେ ବିଜ୍ଞାପନ ପ୍ରକାଶିତ ହୋଇଥିଲା । ସମ୍ପୃକ୍ତ ଅଙ୍ଗନୱାଡ଼ି କେନ୍ଦ୍ର ଅଞ୍ଚଳରୁ ୧୨ ଜଣ ଆବେଦନ କରିଥିଲେ। ଅକ୍ଟୋବର ୧୦ ପୂର୍ବାହ୍ନ ୧୧ରୁ ଅପରାହ୍ନ ୩ଟା ମଧ୍ୟରେ ଟାଙ୍ଗୀ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟଠାରେ ୧୦ ଜଣ ଆବେଦନକାରୀ ସାକ୍ଷାତ୍‌କାରରେ ଯୋଗଦେଇଥିଲେ। ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା, ବୟସ ଓ ଅନ୍ୟାନ୍ୟ ପ୍ରମାଣପତ୍ର ସବୁ ଯାଞ୍ଚ କରାଯାଇଥିଲା। ୧୨ ତାରିଖରେ ଯୋଗ୍ୟତାଭିତ୍ତିରେ ଆବେଦନକାରୀମାନେ ନମ୍ବର ପାଇଥିବା ବିଜ୍ଞାପନ ପ୍ରକାଶ ପାଇଲା। ତେବେ ସେହି ତାଲିକାରେ ଆଦୌ ସାକ୍ଷାତ୍‌କାରରେ ଯୋଗଦେଇ ନ ଥିବା ୨ ଜଣ ସାକ୍ଷାତ୍‌କାରୀଙ୍କ ନାମ ମଧ ଉଲ୍ଲେଖ ଥିବା ନେଇ ଅନ୍ୟ ଆବେଦନକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହା ବିଭାଗୀୟ ଅଧିକାରୀଙ୍କ ପକ୍ଷପାତିତା ଓ ଅନିୟମିତତା କାର୍ଯ୍ୟ ବୋଲି ଅନ୍ୟ ଆବେଦନକାରୀମାନେ ଖୋର୍ଦ୍ଧା ଜିଲାପାଳ, ଉପଜିଲାପାଳ ଓ ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏଭଳି ଅନିୟମିତତା ନେଇ ରତନପୁର ସରପଞ୍ଚ ସୁବାସିନୀ ନାୟକ, ସମିତି ସଭ୍ୟା ରୀନା ସାସମଲଙ୍କ ସମେତ ୭ ୱାର୍ଡ ସଭ୍ୟ/ସଭ୍ୟା ମଧ ଖୋର୍ଦ୍ଧା ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତେବେ ଉପଜିଲାପାଳ ସରୋଜ କୁମାର ସାହୁ, ଟାଙ୍ଗୀ ସିଡିପିଓ ସ୍ନେହଲତା ନାୟକ କହିଥିଲେ, ମେଡିକାଲ ସାର୍ଟିଫିକେଟ୍ ଦେଇ ୨ ଆବେଦନକାରୀ ପରେ ସାକ୍ଷାତ୍‌କାର ଦେଇଥିଲେ। ସୂଚନାଯୋଗ୍ୟ କି, ନିୟମାନୁସାରେ ପରୀକ୍ଷା ଓ ସାକ୍ଷାତ୍‌କାରର ନିର୍ଦ୍ଦିଷ୍ଟ ସମୟ ସୀମାଥାଏ। ତାହା କୌଣସି ପରିସ୍ଥିତିରେ ମଧ ପରିବର୍ତ୍ତନ ହୋଇପାରିବ ନାହିଁ। ତେଣୁ ଏଭଳି ନିଯୁକ୍ତି ଓ ସାକ୍ଷାତ୍‌କାରକୁ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି।

# ଚିଲିକାରେ ଚିତ୍ରଗୀତି କବିତା ପାଠଚକ୍ର



ଚିଲିକା ଜଳରାଶି ଉପରେ କବିତାପାଠ କରାଯାଉଛି।

**ନୟାଗଡ଼ ଅଫିସ,୫।୧୧**

ନୟାଗଡ଼ ଜିଲା ଶରଣକୁଳ ସ୍ଥିତ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମା ପାଠାଗାର ପକ୍ଷରୁ ଚିଲିକାରେ ଚିତ୍ରଗୀତି ଶୀର୍ଷକ ଏକ କବିତା ପାଠଚକ୍ର ଚିଲିକା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । କବି ଏବଂ କବୟିତ୍ରୀମାନେ ଏକ ସ୍ୱତନ୍ତ୍ର ମୋଟର ବୋଟ୍‌ରେ ବରକୁଳ ପାନ୍ଥନିବାସଠାରୁ ଚିଲିକାର ନୀଳଜଳ ରାଶିରେ ବିହାର କରିଥିଲେ । ଏହି ଅବସରରେ ସେମାନେ କାଳୀଜାଇ, ଚଢ଼େଇହଗା, ନଳବଣ, ଭାଲେରି, ଜଟିଆପାହାଡ଼ର ଅନୁପମ ଦୃଶ୍ୟକୁ ଉପଭୋଗ କରିବା ସହ ଚିଲିକା ଭିତରେ ସଦ୍ୟ ଅନୁଭୂତିକୁ ନେଇ କବିତା ରଚନା କରିଥିଲେ । ଚିଲିକାର ଜଳରାଶି ଉପରେ ସଦ୍ୟ ରଚିତ କବିତାଗୁଡ଼ିକୁ ଏକ ସ୍ୱତନ୍ତ୍ର ଡଙ୍ଗା ଉପରେ ପାଠ କରିଥିଲେ । ପାଠାଗାରର ସମ୍ପାଦକ ପ୍ରଶାନ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ କବି ଉମାକାନ୍ତ ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କବିତା ପାଠଚକ୍ରରେ କବି ଅଶୋକ ମଲ୍ଲ, ଶରତ ସାମନ୍ତରାୟ, ନଳିନୀ ଦାଶ, ସ୍ୱର୍ଣ୍ଣଲତା ବିଶ୍ୱାଳ, ରବୀନ୍ଦ୍ର ଦାଶ, ବୀରେନ୍ଦ୍ର କୁମାର ନାୟକ ପ୍ରମୁଖ କବିତା ଏବଂ ଅଣୁଗଳ୍ପ ପାଠ କରିଥିଲେ ।

# ଆୟୁର୍ବେଦ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଭାବେ ପରିଚିତ କୋସକା ଗ୍ରାମଠାରେ ୧୯୪୦ ମସିହାରେ ପ୍ରତିଷ୍ଠିତ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ସମ୍ପ୍ରତି ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ୨୦୧୦ ମସିହାରୁ ଏଠାରେ ଡାକ୍ତର ପଦବୀ ଖାଲିପଡିଥିବା ଜଣାଯାଇଛି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟିଦେଉ ନାହାନ୍ତି। କୋସକା ଓ କୁମ୍ଭାରପଡା ପଞ୍ଚାୟତ ଅଧୀନ ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ବାସିନ୍ଦା ଚିକିତ୍ସାଳୟ ଉପରେ ନିର୍ଭର କରୁଥିବା ବେଳେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତ। ପ୍ରକାଶଥାଉକି ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ନିମନ୍ତେ ରାଜ୍ୟ ସରକାର



କୋସକା ଚିକିତ୍ସାଳୟ।

ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଉକ୍ତ ଚିକିତ୍ସାଳୟ ପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ। ଏଠାରେ ଜଣେ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବା ସହ ଅନ୍ୟାନ୍ୟ ସମସ୍ୟା ସମାଧାନ କରିବା ଦିଗରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଜିଲାପାଳ ଓ ଖଣ୍ଡପଡା ବିଧାୟକ ପଦକ୍ଷେପ ନେବାକୁ ଆଞ୍ଚଳିକ ଯୁବଛାତ୍ର ସଂଗଠନର ସଦସ୍ୟଙ୍କ ସମେତ କୋସ୍‌କା ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି।

# ୧୦୨ ଆମ୍ବୁଲାନ୍ସ ସେବାରୁ ପ୍ରସୂତି ବଞ୍ଚିତ ଅଭିଯୋଗ

**ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ୍.ଏ.):** କୌଣସି ସରକାରୀ ବିଜ୍ଞପ୍ତି ପ୍ରକାଶ ନ କରି ୧୦୨ ଆମ୍ବୁଲାନ୍ସ ସେବାରୁ ପ୍ରସୂତି ଓ ନବଜାତକଙ୍କୁ ବଞ୍ଚିତ କରାଯାଉଥିବା ଅଭିଯୋଗ ହେଉଛି। ଆସନ୍ନପ୍ରସବା ମହିଳାମାନଙ୍କୁ ଆଶା କର୍ମୀଙ୍କ ସହାୟତାରେ ସେମାନଙ୍କ ଘରୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଉଥିଲା । ପ୍ରସବ ପରେ ଉଭୟ ପ୍ରସୂତି ଓ ନବଜାତକଙ୍କୁ ନେଇ ପୁଣି ଘରେ ଛାଡି ଦିଆଯାଉଥିଲା । ଏବେ କିନ୍ତୁ ପ୍ରସବ ପରେ ଉଭୟଙ୍କ ପାଇଁ ଏହି ଆମ୍ବୁଲାନ୍ସ ସେବା ମିଳୁ ନ ଥିବା ଅଭିଯୋଗ ହେଉଛି। ଫଳରେ ପ୍ରସୂତିମାନେ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ସ୍ପଷ୍ଟୀକରଣ ତୁରନ୍ତ ଦେବାକୁ ସାଧାରଣରେ ଦାବି ହେଉଛି ।

# ବିଜେଡି କର୍ମୀ ସମ୍ମିଳନୀ

**ଟାଙ୍ଗୀ(ଖୋର୍ଦ୍ଧା),୫।୧୧(ଡି.ଏନ୍.ଏ.):** ରଣପୁର ବ୍ଲକ୍ କନ୍ଦନୟାଗଡ଼ ପଞ୍ଚାୟତ ବିଜେଡି କର୍ମୀ ସମ୍ମିଳନୀ ସୋମବାର ମା’ ବଳି ମାଝୀଙ୍କ ପୀଠରେ ଲକ୍ଷ୍ମୀଧର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଦଳୀୟ ସଂଗଠନକୁ ସୁଦୃଢ କରିବା ସହିତ ରାଜ୍ୟ ସରକାରଙ୍କ ବହୁବିଧ ଜନମଙ୍ଗଳ କାର୍ଯ୍ୟକ୍ରମ ସମ୍ପର୍କରେ ଜନଗଣଙ୍କୁ ଅବଗତ କରିବା ପାଇଁ ବିଜେଡି କର୍ମୀମାନେ ସକ୍ରିୟ ଉଦ୍ୟମ ଜାରି ରଖିବାକୁ ବୈଠକରେ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଭ୍ୟ ବିଜୟକେତନ ସାହୁ, ରଣପୁର ବିଜୁଛାତ୍ର ଜନତା ସଭାପତି ସୁନିଲ ଜେନା, ବ୍ଲକ୍ ସଂଯୋଜକ ଦେବାଶିଷ ମହାନ୍ତି, ଜୋନ ସଭାପତି ରଶ୍ମି ରଞ୍ଜନ ସାହୁ ଓ ସରପଞ୍ଚ ଅରୁଣ କୁମାର ସୁବୁଦ୍ଧି ପ୍ରମୁଖ ଅତିଥି ରୂପେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୩୩ ନୂତନ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ

**ଗଣିଆ,୫।୧୧(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହୋଇଥିବା ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତର ୩୩ ନୂତନ ହିତାଧିକାରୀଙ୍କୁ ପ୍ରଥମ କରି ସୋମବାର ଚାଉଳ ବଣ୍ଟନ କରାଯାଇଛି। ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ସରପଞ୍ଚ ମଙ୍ଗୁଲୁ ସାହୁ, ପିଇଓ ବିଜୟ କୁମାର ବେହେରା ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରିଥିଲେ। ଏହି ଯୋଜନାରେ ୪୭ ଜଣ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ମଧ୍ୟରୁ ୩୩ ଜଣଙ୍କୁ ଚାଉଳ ଦିଆଯାଇଥିଲା । ତେବେ ଏହି ଯୋଜନାରେ ପ୍ରତି ପରିବାରର ଜଣ ପିଛା ୫ କିଲୋଗ୍ରାମ ଚାଉଳ ଦିଆଯାଉଥିବା ବେଳେ ଗହମ ଓ କିରୋସିନ ଦିଆଯାଉ ନ ଥିବାରୁ କେତେକ ହିତାଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଅପରପକ୍ଷେ ହିତାଧିକାରୀଙ୍କୁ ଯୋଗାଇ



ବ୍ଲକ ଅଧ୍ୟକ୍ଷ ଜଣେ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଛନ୍ତି।

ଦିଆଯାଇଥିବା ଖାଉଟି କାର୍ଡରେ ବ୍ୟାପକ ତ୍ରୁଟି ଥିବା ଦେଖାଯାଇଛି । କେତେକ ପରିବାରର ୫ଜଣ ସଭ୍ୟ ଥିବାବେଳେ ସେହି ପରିବାରକୁ ମିଳିଥିବା ଖାଉଟି କାର୍ଡରେ ଜଣଙ୍କ ନାମ ରହିଛି । ଫଳରେ ଏହି ପରିବାରର ଅନ୍ୟ ୪ଜଣ ଚାଉଳ ପାଇବାରୁ ବଞ୍ଚିତ ହେଉଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ସିଂଘାପଡା ଓ ଯୋଗିଆପଲ୍ଲୀ ଗ୍ରାମରେ ସୋମବାର ବିଜେଡ଼ିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ଦଳୀୟ କର୍ମକର୍ତ୍ତା, ସଂଗଠକ ହାତରେ ପ୍ଲାକାର୍ଡ଼ ଧରି ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସାଧାରଣ ଜନତାଙ୍କ ପାଖରେ ପହଞ୍ଚାଇଥିଲେ। ପରେ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାରସିଂଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇ ନବୀନ ସରକାରଙ୍କ ଅମଳରେ ସମଗ୍ର ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ପଞ୍ଚାୟତବାସୀଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଅଖିଳ କୁମାର ମହାରଣ, ପୂର୍ବତନ ଜିଲା



ଭାପୁର ଜାମୁସାହି ଗ୍ରାମରେ ପଦଯାତ୍ରାରେ ବିଧାୟକ ଓ ଦଳୀୟ କର୍ମୀ।

ପରିଷଦ ସଭ୍ୟ ରମାକାନ୍ତ ସେଠୀ, ସମିତି ସଭ୍ୟ ଆନନ୍ଦ ବାବୁଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ମହିଳାପୁରୁଷ ଯୋଗଦେଇଥିଲେ। ସେହିପରି ଯୋଗିଆପଲ୍ଲୀ ପଞ୍ଚାୟତରେ ଅନୁଷ୍ଠିତ ଜନସମ୍ପର୍କ ପଦଯାତ୍ରାରେ ବିଧାୟକ ପଟ୍ଟନାୟକ ଯୋଗଦେଇ ଦଳୀୟ ସଂଗଠନକୁ ସୁଦୃଢ କରିବା ନିମନ୍ତେ ସଂଗଠକ ଓ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ।

**ଭାପୁର,(ଡି.ଏନ.ଏ.):** ଭାପୁର ବ୍ଲକ ବଡ଼ସହରା ପଞ୍ଚାୟତ ଜାମୁସାହି ଗ୍ରାମଠାରେ ବିଜେଡି ପକ୍ଷରୁ ଏକ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ୫ଶହରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଯୋଗଦେଇଥିଲେ। ଏହି ପଦଯାତ୍ରା ସମୟରେ ବିରୋଧୀ ଆମ ଓଡ଼ିଶା ଦଳର ୫୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ଯୋଗଦେଇଥିଲେ। ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି ଜନସମ୍ପର୍କ ପଦଯାତ୍ରାରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଅନୁଭବ ପଟ୍ଟନାୟକ ଯୋଗଦେଇ ରାଜ୍ୟ ସରକାରଙ୍କ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଗତ ୪ ବର୍ଷ ମଧ୍ୟରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀରେ ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ୪ଶହ କୋଟି ଟଙ୍କା ବ୍ୟୟବରାଦ ହୋଇ ଖର୍ଚ୍ଚ ହୋଇଥିବା ବିଧାୟକ ସୂଚନା ଦେଇଥିଲେ। ଏହି ସଭା ସମୟରେ ବାଲିଆପଟା ଗ୍ରାମର ସୁଦାମ କୁମାର ଭୋଳଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ବିରୋଧୀ ଦଳର କର୍ମୀ ବିଧାୟକଙ୍କ ପ୍ରତି ସମର୍ଥନ ଜ୍ଞାପନ କରି ବିଜେଡିରେ ସାମିଲ ହୋଇଥିଲେ। ପଞ୍ଚାୟତର ପୂର୍ବତନ ସରପଞ୍ଚ ଦଣ୍ଡପାଣି ନାୟକ, ବରିଷ୍ଠ ବ୍ୟକ୍ତି ମହେନ୍ଦ୍ର ଜେନା, ବିଜୟ କୁମାର ସ୍ୱାଇଁ, ସଞ୍ଜୟ କୁମାର ପରିଡ଼ା, ପରମାନନ୍ଦ ପରିଡ଼ା ଓ ରଶ୍ମିରଞ୍ଜନ ସ୍ୱାଇଁ ଯୋଗଦେଇଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୬ ନଭେମ୍ବର, ୨୦୧୮



ସବୁଠାରୁ ଜ୍ଞାନୀ ଓ ସବୁଠାରୁ ନିର୍ବୋଧ - ଏ ଦୁଇଜଣ ନିଜ ନିଜ ମତ ବଦଳାନ୍ତି ନାହିଁ।
- କନ୍‌ଫୁସିୟସ



**ସଂକ୍ଷେପରେ**

## ମଦ ଜବତ,୩ ଗିରଫ

**ଦଶପଲ୍ଲା,୫।୧୧(ଡି.ଏନ.ଏ.):** ଦଶପଲ୍ଲା ଅବକାରୀ ବିଭାଗ ପକ୍ଷରୁ ଗଣିଆ ଓ ଦଶପଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୪୫୦ଲିଟର ପୋଚ ସହ ୧୩ ଲିଟର ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ପୋଚ ସବୁ ନଷ୍ଟ କରି ଦିଆଯାଇଛି। ଏହି ଘଟଣାରେ ଅବକାରୀ ବିଭାଗ ପକ୍ଷରୁ ୩ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ପୋଇବାଡି ଗ୍ରାମର ବସନ୍ତ ସାହୁ, କରଡାମଡା ଗ୍ରାମର ସୁରସେନ ଜାନୀ ଓ ଗଣିଆ କିଶୋର ପ୍ରସାଦ ଗ୍ରାମର ଶୁକ୍ଳସେନ ପ୍ରଧାନ । ପ୍ରକାଶ ଯେ ଦଶପଲ୍ଲା ଓ ଗଣିଆର ବିଭିନ୍ନ ସ୍ଥାନରେ ଚୋରାମଦ କାରବାର ଚାଲିଥିବା ଅବକାରୀ ବିଭାଗ ପକ୍ଷରୁ ସୂଚନା ପାଇବା ପରେ ଏହି ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ବସନ୍ତଙ୍କଠାରୁ ୫ଲିଟର ଓ ସୁରସେନଙ୍କଠାରୁ ୨ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଶୁକ୍ଳସେନଙ୍କଠାରୁ ୬ଲିଟର ୫ଶହ ମିଲି ବିଦେଶୀ ମଦ ଜବତ କରାଯାଇଛି। ସେହିପରି କରଡାପଡା ଜଙ୍ଗଲରେ ବେଆଇନ ମଦ ରନ୍ଧା ନେଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିବା ବେଳେ ୪୫୦ ଲିଟର ପୋଚ ଜବତ କରି ନଷ୍ଟ କରାଯାଇଛି। ଏଥିସହ ମଦରନ୍ଧା ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ କାହାକୁ ଗିରଫ କରାଯାଇ ନ ଥିବା ବେଳେ ଅଭିଯୁକ୍ତମାନେ ଖସି ପଳାଇଥିବା ଜଣାପଡିଛି।

## ଖୋଲାହେଲା ଲଡ଼ୁବାବାଙ୍କ ମନ୍ଦିର ହୁଣ୍ଡି: ମିଳିଲା ୭୪,୫୬୭ ଟଙ୍କା

**ନୟାଗଡ଼ ଅଫିସ,୫।୧୧:** ନୟାଗଡ଼ ଜିଲା ଶରଣକୁଳସ୍ଥିତ ଲଡ଼ୁବାବାଙ୍କ ମନ୍ଦିର ହୁଣ୍ଡି ଖୋଲାଯାଇଛି। ଓଡ଼ଗାଁର ଅତିରିକ୍ତ ତହସିଲଦାର ଦୟାନିଧି ରଥଙ୍କ ଉପସ୍ଥିତିରେ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ଏଥିରୁ ୭୪,୫୬୭ ଟଙ୍କା ମିଳିଥିଲାବେଳେ କୌଣସି ସୁନା, ରୁପା ମିଳିନାହିଁ। ଅନ୍ୟମାନଙ୍କ ମଧ୍ୟରେ ଦେବୋତ୍ତର ପରିଚାଳକ ତାପସ ରଞ୍ଜନ ପଟ୍ଟନାୟକ, ଶରଣକୁଳ ମନ୍ଦିର ସୁପରଭାଇଜର ସୁରେଶ ଚନ୍ଦ୍ର ମିଶ୍ରଙ୍କ ସମେତ ସେବାୟତ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ।

## ତ୍ରୁଟି ସୁଧାରିବା ପାଇଁ ଭାଷା ଆନ୍ଦୋଳନ ତରଫରୁ ଦାବିପତ୍ର



**ନୟାଗଡ଼ ଅଫିସ,୫।୧୧:** ନୟାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ବିଭିନ୍ନ ସ୍ଥାନରେ କଲୋନୀର ନାମ ଜାଣିବା ପାଇଁ ଓଡ଼ିଆରେ ସୂଚନା ଫଳକ ଲାଗିଛି। ତେବେ ଓଡ଼ିଆରେ ଲେଖାଯାଇଥିବା ଅଧିକାଂଶ ଫଳକରେ ବନାନଗତ ତ୍ରୁଟି ଥିବା ବେଳେ ନୟାଗଡ଼ର ଗର୍ବଗୌରବ ଯଦୁମଣିଙ୍କ ନାମକୁ ମଧ ଭୁଲ୍ ଭାବରେ ଲେଖାଯାଇଛି। ତେଣୁ ଓଡ଼ିଆ ଭାଷାକୁ ଯେଉଁମାନେ କଦର୍ଥ କରି ଲେଖିଛନ୍ତି ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ସହ ବନାନଗତ ତ୍ରୁଟିକୁ ସୁଧାରିବା ପାଇଁ ନୟାଗଡ଼ ଭାଷା ଆନ୍ଦୋଳନ ସମିତି ତରଫରୁ ଦାବି କରାଯାଉଛି । ଭାଷା ଆନ୍ଦୋଳନର ବହୁ ସଦସ୍ୟ ସୋମବାର ନୟାଗଡ଼ ଏନ୍ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ ଭେଟି ଦାବିପତ୍ର ଦେଇଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଖଳିସାହି ଗ୍ରାମ ଗଉଡସାହିର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଉଦୟନାଥ ଷଡଙ୍ଗୀ(୮୧)ଙ୍କ ରବିବାର ପରଲୋକ ହୋଇଯାଇଛି। ଦୀର୍ଘ ମାସ ଧରି ସେ ଅସୁସ୍ଥ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।ଗାଁ ଶ୍ମଶାନରେ ଏକ ଶୋକାକୁଳ ପରିବେଶରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ବାବୁଲା ମୁଖାଗ୍ନି ଦେଇଥିଲେ।

■ଆଉ ଗୋଟିଏ ଦିନ ରହିଲା ଦୀପାବଳି

# ବାଣ ବିକିବାକୁ ମିଳିନି ଅନୁମତି

■ଜିଲାର ୩୦ ଜଣ ବାଣ ଲାଇସେନ୍ସ ପାଇଁ କରିଛନ୍ତି ଆବେଦନ

■ହୋଇପାରେ ଚୋରାରେ ବ୍ୟବସାୟ

**ନୟାଗଡ଼ ଅଫିସ,୫।୧୧**

ଆଉ ଗୋଟିଏ ଦିନ ପରେ ଅର୍ଥାତ ବୁଧବାର ଆଲୋକର ପର୍ବ ଦୀପାବଳି। ଘରେ ଘରେ ଦୀପ ଜଳାଯିବା ସହ ବାଣ ମଧ ଫୁଟାଯାଏ ।ଏହାକୁ ଆଖି ଆଗରେ ରଖି ଦୀପାବଳିରେ କିଛି ଲୋକ ବାଣ ବ୍ୟବସାୟ କରନ୍ତି। ୨ରୁ ୩ ଦିନ ଭିତରେ ଏମାନେ ଭଲ ବ୍ୟବସାୟ କରିଥାନ୍ତି। ଦୀପାବଳି ପାଇଁ ହାତରେ ମାତ୍ର ଗୋଟିଏ ଦିନ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ବାଣ ଦୋକାନୀଙ୍କୁ ବ୍ୟବସାୟ କରିବା ପାଇଁ ଜିଲା ପ୍ରଶାସନ ତରଫରୁ ଅନୁମତି ମିଳିନାହିଁ। ଅନୁମତି ନ ମିଳିବାରୁ ସେମାନେ ନିରାଶ ହୋଇ ରହିଛନ୍ତି।

ଜିଲା ଜୁଡ଼ିସିଆଲ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ଚଳିତବର୍ଷ ଜିଲାରେ ୩୦ ଜଣ ଦୀପାବଳିରେ ବାଣ ବ୍ୟବସାୟ ନିମନ୍ତେ ଥିବା ଲାଇସେନ୍ସ ପାଇଁ ଆବେଦନ କରିଛନ୍ତି। ସହରରେ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ୧୨ ଜଣ, ଖଣ୍ଡପଡ଼ାରେ ଜଣେ, ଦଶପଲ୍ଲାରେ ୩, ଓଡ଼ଗାଁରେ ୩ ଓ ରଣପୁର ବ୍ଲକ ଚାନ୍ଦପୁରରେ ବାଣ ଦୋକାନ ଖୋଲିବା ପାଇଁ ୭ ଜଣ ଆବେଦନ କରିଛନ୍ତି। ସୋମବାର ସୁଦ୍ଧା କାହାରିକୁ ଲାଇସେନ୍ସ ପ୍ରଦାନ କରାଯାଇନାହିଁ। ଏପର୍ଯ୍ୟନ୍ତ ଲାଇସେନ୍ସ ପାଇବାରୁ ବଞ୍ଚିତ ହୋଇଥିବାରୁ ବେପାରୀମାନଙ୍କ ବ୍ୟବସାୟ ମାନ୍ଦା ହେବ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷେ ଜିଲାରେ ବିଭିନ୍ନ ସ୍ଥାନରେ ଚୋରାରେ ବ୍ୟବସାୟ ବୃଦ୍ଧି ପାଇପାରେ ବୋଲି ଆଲୋଚନା ହେଉଛି।

ସୂଚନାଯୋଗ୍ୟ, ୨୩ ସେପ୍ଟେମ୍ବର ୨୦୧୬ ମସିହାରେ ଇଟାମାଟି ତନ୍ତୀ ସାହିରେ ବାଣ ବିସ୍ଫୋରଣ ଘଟି ୯ ଜଣଙ୍କର ମୃତ୍ୟୁ ଘଟିବା ପରେ ନୟାଗଡ଼ ସହର ତଥା ଜିଲାର ବିଭିନ୍ନ ସ୍ଥାନରେ ବାଣ ଦୋକାନ ଖୋଲିବା ପାଇଁ ପ୍ରଶାସନ ଉକ୍ତ ବର୍ଷ ଅନୁମତି ଦେଇ ନ ଥିଲା। ଫଳରେ ବେପାରୀମାନେ ଲୁଚାଛପାରେ ବାଣ ବିକ୍ରି କରିଥିଲେ। ପୂର୍ବବର୍ଷ ଜିଲାର ୮ବ୍ଲକରୁ ୪ ବ୍ଲକରେ ବାଣ ଦୋକାନ ଖୋଲିବା ପାଇଁ ମାତ୍ର ୨୮ ଜଣଙ୍କୁ ଲାଇସେନ୍ସ ଦିଆଯାଇଥିଲା। ପୂର୍ବବର୍ଷଠାରୁ ସହରରେ ନୂତନ ବସ୍‌ଷ୍ଟାଣ୍ଡଠାରେ ଅସ୍ଥାୟୀଭାବେ ବାଣ ଦୋକାନ କରାଯାଇ ସେଠାରେ ବାଣ ବିକ୍ରୟ କରାଯାଉଛି। ଉକ୍ତ ବାଣ ଦୋକାନ ଆଗରେ ବାଲି ଓ ପାଣିବାଲ୍ଟି ସହ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବା ପାଇଁ ବାଧ୍ୟତାମୂଳକ କରାଯାଇଛି। ଅନ୍ୟପକ୍ଷେ ବାଣ ଲାଇସେନ୍ସ ବାବଦକୁ ୧୦୦୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବିଭାଗ ତରଫରୁ ଅଧିକା ଟଙ୍କା ଦାବି କରାଯାଉଥିବାରୁ କେତେକ ବେପାରୀ ଲାଇସେନ୍ସ ନ ନେଇ ଚୋରାରେ ବିକ୍ରି କରୁଥିବା ପ୍ରକାଶ କରିଛନ୍ତି। ଦୀପାବଳି ଆଉ ଗୋଟିଏ ଦିନ ବାକିଥିବା ବେଳେ ପ୍ରଶାସନ ତରଫରୁ କେବେ ଅନୁମତି ମିଳୁଛି ଓ ବେପାର ହେଉଛି ତାହାକୁ ଗ୍ରାହକମାନେ ଚାହିଁ ବସିଛନ୍ତି।

# ଓଲି ବୁଲିଲା ନୟାଗଡ଼



ଓଲିକୁ ଜିଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଉଛି।

**ନୟାଗଡ଼ ଅଫିସ,୫।୧୧**

ସୋମବାର ସକାଳେ ନୟାଗଡ଼ ସହର ବୁଲିଲା ହକି ପୁରୁଷ ବିଶ୍ୱକପ ମାସ୍କଟ ଓଲି। ସକାଳ ୯ଟାରେ ଜିଲାପାଳ ଡା. ଏନ.ତିରୁମାଲା ନାୟକ ପତାକା ଦେଖାଇ ମାସ୍କଟ ଓଲି ଶୋଭାଯାତ୍ରାର ଉଦ୍‌ଘାଟନ କରିଥିଲେ । ଓଲି ଜଗନ୍ନାଥ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲା ମହୋତ୍ସବ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଶୋଭାଯାତ୍ରାରେ ବିଭିନ୍ନ ସାଂସ୍କୃତିକ ଦଳ, ରଣପୁର ବିଧାୟକ ରବିନାରାୟଣ ମହାପାତ୍ର, ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅତିରିକ୍ତ ଜିଲାପାଳ ପ୍ରସନ୍ନ କୁମାର ଦାଶ, ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର, ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ, ଜନପ୍ରତିନିଧି, ଜିଲା କ୍ରୀଡ଼ା ସଂଘର କର୍ମକର୍ତ୍ତା, ବିଜୁବାହିନୀର ସଦସ୍ୟମାନେ ଯୋଗଦେଇ ଓଲିକୁ ସହର ମଧ ଦେଇ ମହୋତ୍ସବ ପଡ଼ିଆରେ ପହଞ୍ଚାଇଥିଲେ । ସେଠାରେ ହକି ଖେଳ ଉପରେ ଏକ ଡେମନଷ୍ଟ୍ରେଶନ୍ ପ୍ରଦର୍ଶନ କରାଯାଇଥିଲା ଏବଂ ବିଭିନ୍ନ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ କରାଯାଇଥିଲା । ଅପରାହ୍ନ ୨ଟାରେ ଏହି ମାସ୍କଟ୍ ଓଲିକୁ ବୌଦ୍ଧ ଜିଲାକୁ ଯିବା ପାଇଁ ବିଦାୟ ଦିଆଯାଇଥିଲା ।

# ଶବର ଜାତିଆଣ ଏକତା ବୈଠକ

**ଯୋଗଦେଲେ ୨ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ**



ବୈଠକରେ ଯୋଗଦେଇଥିବା ମହିଳାପୁରୁଷ।

**ଖଣ୍ଡପଡା,୫।୧୧(ସ୍ୱ.ପ୍ର.)**

ବିଶ୍ୱାବସୁ ଶବର ରାଜାଙ୍କ ଦାୟାଦ ଭାବେ ପରିଚିତ ଶବର ସମ୍ପ୍ରଦାୟର ବ୍ୟକ୍ତିବିଶେଷଙ୍କୁ ନେଇ ସୋମବାର ଧାନଚେଙ୍ଗଡା ପଞ୍ଚାୟତ କାଳିଆପଲ୍ଲୀ ଗ୍ରାମରେ ଶବର ଜାତିଆଣ ଏକତା ବୈଠକ ମୁରଲୀଧର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୟାଗଡ ଜିଲା ଅର୍ନ୍ତଗତ ଶାଳଝରିଆ, ନିମାଣୀ, ବାଲୁଗାଁ, ଶାଳପଡା, ବାଉଁଶବାଟୀ, ଲକ୍ଷ୍ମୀପ୍ରସାଦ, ମିଟୁଆଣି, କାଳିଆପଲ୍ଲୀ, ଖଣ୍ଡପଡା ଆଦି ଅଞ୍ଚଳରୁ ପ୍ରାୟ ଦୁଇଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଯୋଗଦେଇଥିଲେ। ଯେଉଁ ଅଞ୍ଚଳରେ ଶବର ସମ୍ପ୍ରଦାୟ ଲୋକେ ବାସ କରୁଛନ୍ତି ସେଠାରେ ନୀଳମାଧବ, ଜଗନ୍ନାଥ, ବିଶ୍ୱାବସୁ ଓ ଲଳିତାଙ୍କ ସ୍ମୃତି ସମ୍ମାନ ପାଇଁ ସେହିସବୁ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରି ପ୍ରତ୍ୟହ ପୂଜା କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ପ୍ରତିବର୍ଷ ପରି କାଳିଆପଲ୍ଲୀଠାରେ ପାଳନ କରାଯାଉଥିବା ଧନୁପୂଜାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ଆଲୋଚନା କରାଯାଇଥିଲା। କୌଳିକ ବୃତ୍ତିକୁ ଆଦରି ନେଇ ପାଠପଢା ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବାରୁ ସମସ୍ତ ଅଭିଭାବକ ପିଲାମାନଙ୍କୁ ଅଧିକ ଶିକ୍ଷାଦାନ ପାଇଁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହା ଦ୍ୱାରା ସେମାନଙ୍କ ଭବିଷ୍ୟତ ଉନ୍ନତି ହେବା ସହ ଜାତିର ବିକାଶ ଘଟିବ ବୋଲି ଉପସ୍ଥିତ ପ୍ରମୁଖ ବ୍ୟକ୍ତିମାନେ ପ୍ରସ୍ତାବ ଦେଇଥିଲେ। ବିଶେଷ କରି ଆଗକୁ ଦୀପାବଳି ଆସୁଥିବାରୁ ପ୍ରତ୍ୟେକ ବ୍ୟକ୍ତି ତଥା ପିଲାମାନେ ବିଭିନ୍ନ ପ୍ରକାର ଶବ୍ଦ ପ୍ରଦୂଷଣକାରୀ ଓ ଧୂଆଁ ସୃଷ୍ଟି କରୁଥିବା ବାଣ ନ ଫୁଟାଇ ଦୀପ ପ୍ରଜ୍ୱଳନ କରିବାକୁ ନିଷ୍ପତ୍ତି ନେଇଥିଲେ। ବୈଠକରେ ଶାଳପଡାର ବିଦ୍ୟାଧର ସ୍ୱାଇଁ, ରାଉତ ନାୟକ, ନିମାଣୀର ମନ୍ଦି ନାୟକ, ବାଲୁଗାଁର ବଟୁ ନାୟକ, ଶାଳପଡାର ରୁଷିଆ ନାୟକ, ସୁଷମା ନାୟକ, ହୁଲା ନାୟକ ପ୍ରମୁଖ ଯୋଗଦେଇ ନିଜ ଜାତିର ଉନ୍ନତି ଦିଗରେ ସମସ୍ତେ ଉଦ୍ୟମ ଜାରି ରଖିବା ସହିତ ନିଜର ସଂସ୍କୃତି ଓ ପରମ୍ପରା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ପରିବେଶବିତ୍ ଅନ୍ତର୍ଯାମୀ ସାହୁ ଯୋଗଦେଇ ପରିବେଶ ସୁରକ୍ଷା ସହିତ ପୂଜା ପାର୍ବଣରେ ଶବ୍ଦ ପ୍ରଦୂଷଣକାରୀ ବାଣ ନ ଫୁଟାଇବାକୁ ପରାମର୍ଶ ଦେଇଥିଲେ ।

## ଭାଜପାର ବ୍ଲକ୍ କାର୍ଯ୍ୟାଳୟ ଘେରାଉ

**ବୋଲଗଡ଼,୫।୧୧(ଡି.ଏନ.ଏ.)**

ବେଗୁନିଆ ନିର୍ବାଚନ ମଣ୍ଡଳୀରେ ବିଜେଡି ଶାସନର ଦୁର୍ନୀତି, ଗୁଣ୍ଡାରାଜ ଓ ଲାଞ୍ଚ କାରବାର ଅଭିଯୋଗ ନେଇ ଭାଜପା ପକ୍ଷରୁ ବୋଲଗଡ଼ ବ୍ଲକ୍ କାର୍ଯ୍ୟାଳୟ ଘେରାଉ ହୋଇଛି। ସୋମବାର ଭାଜପାର ନିର୍ବାଚନ ମଣ୍ଡଳୀ ପ୍ରଭାରୀ ଅଜୟ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ଓବିସି ମୋର୍ଚ୍ଚା ସଦସ୍ୟ ପ୍ରକାଶ ବିଜୁଳୀ, ବରିଷ୍ଠ ନେତା ସୁବାସ ଚନ୍ଦ୍ର ମିଶ୍ର, ରବୀନ୍ଦ୍ର ପରିଡ଼ା, ଜତିନ ମହାନ୍ତି, ବିଶ୍ୱଜିତ ସ୍ୱାଇଁ, ଲୋତକ ବିନ୍ଦୁ ପଟ୍ଟନାୟକ, ଅଶୋକ ରାଉତ, ରୁଦ୍ରନାରାୟଣ ବାହିନୀପତି, ସିଲୁ ବଳିୟାରସିଂହ ଓ ପ୍ରଦୀପ ନାୟକ ସମେତ ସହସ୍ରାଧିକ ଭାଜପା ସମର୍ଥକ ଓ କର୍ମୀ ଗୋପବନ୍ଧୁ ଛକଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲିରେ ଆସିଥିଲେ। ଏଠାରେ ଭାଜପାର ୨ଟି ଗୋଷ୍ଠୀ ବିଜେଡି ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ କାର୍ଯ୍ୟାଳୟ ସମ୍ମୁଖ ଫାଟକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବ୍ୟାନର୍ ବନ୍ଧାକୁ ନେଇ ସାମାନ୍ୟ ମତଭେଦ ସୃଷ୍ଟି ହୋଇଥିଲା। ୧୧ଦଫା ସମ୍ବଳିତ ଏକ ଦାବିପତ୍ର ବୋଲଗଡ଼ ବିଡିଓ ମଧୁସୂଦନ ବେହେରାଙ୍କୁ ଭାଜପା ନେତାମାନେ ପ୍ରଦାନ କରିଥିଲେ ।

## ଧର୍ମପରାୟଣା ମହିଳାଙ୍କ ପରଲୋକ

ଖଣ୍ଡପଡା,୫।୧୧(ସ୍ୱ.ପ୍ର)-ରାଣିଛେଲି ପଞ୍ଚାୟତର ଜନୈକା ଧର୍ମପରାୟଣା ମହିଳା ବେଙ୍ଗବତୀ ପଣ୍ଡା(୮୯)ଙ୍କ ରବିବାର ପରଲୋକ ହୋଇଯାଇଛି। ପୂର୍ବତନ ସରପଞ୍ଚ ମହେନ୍ଦ୍ର କୁମାର ପଣ୍ଡାଙ୍କ ମାତା ବେଙ୍ଗବତୀ ବୟସାଧିକ ଯୋଗୁ ଦୀର୍ଘଦିନ ହେଲା ଘରେ ପଡି ରହିଥିଲେ । ସେ ଜଣେ ମେଳାପୀ ତଥା ପରୋପକାରୀ ମହିଳା ଥିଲେ । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ଏକମାତ୍ର ପୁତ୍ର ମହେନ୍ଦ୍ର ମୁଖାଗ୍ନି ଦେଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଭିଡ଼ିଓ କନ୍‌ଫରେନ୍ସିଂ ଦେଖିପାରିଲେନି ପିଲା

**ନୟାଗଡ଼ ଅଫିସ,୫।୧୧**

କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାର ବର୍ତ୍ତମାନ ଟେକ୍ନୋଲୋଜି ଉପରେ ଗୁରୁତ୍ୱ ଦେଉଛନ୍ତି। ଟେକ୍ନୋଲୋଜି ମାଧ୍ୟମରେ କିପରି ତୁରନ୍ତ କାର୍ଯ୍ୟ ହୋଇପାରିବ ସେ ନେଇ ସମୀକ୍ଷା ମଧ୍ୟ କରୁଛନ୍ତି। ସେହିଭଳି ଏକ ବ୍ୟବସ୍ଥା ହେଉଛି ଭିଡ଼ିଓ କନ୍‌ଫରେନ୍ସିଂ। ବର୍ତ୍ତମାନ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ କରାଯାଉଛି। ସୋମବାର ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅପରାହ୍ନ ୫ଟାରେ ୩୧୪ ବ୍ଲକ୍‌କୁ ଯୋଗାଯୋଗ କରି ନିଜର ବାର୍ତ୍ତା ଦେଇଥିଲେ। ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଓଡ଼ିଆ ଭାଷାରେ ଅଧିକ ନମ୍ବର ରଖିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଓଡ଼ିଆ ଭାଷାବୃତ୍ତି ପ୍ରଦାନ, ମାଟ୍ରିକ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟମନ୍ତ୍ରୀ ମେଧାବୃତ୍ତି ପ୍ରଦାନ କରିବାର କାର୍ଯ୍ୟକ୍ରମକୁ ଭିଡ଼ିଓ କନଫେରେନ୍ସିଂ ମାଧ୍ୟମରେ ଦେଖାଯାଇଥାନ୍ତା। ଏ ନେଇ ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ସମସ୍ତ ଆୟୋଜନ ହୋଇଥିଲା। ହେଲେ ଠିକ୍ ୫ଟାରେ ସ୍କ୍ରିନ୍‌ରେ କିଛି ବି ଦୃଶ୍ୟ ଦେଖାଯାଇ ନ ଥିଲା। ବ୍ଲକରେ କର୍ମଚାରୀଙ୍କ ଅପାରଗତା ଯୋଗୁ ଏପରି ହୋଇଥିଲା। କାଳେ ଠିକ୍ ହୋଇଯିବ ଭାବି ପିଲାମାନେ ବସି ରହିଥିଲେ ମଧ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କିଛି ନ ହେବାରୁ ପିଲାମାନେ ନିରାଶ ହୋଇ ଫେରିଯାଇଥିଲେ। ସେହିଭଳି ଶିକ୍ଷକ ଓ ଅଭିଭାବକମାନେ ମଧ ନିରାଶରେ ଫେରିଯାଇଥିଲେ। ଏ ନେଇ ବିଡିଓ ମନୋଜ ପାତ୍ରଙ୍କୁ ପଚାରିବାରୁ ସର୍ଭରରେ ଅସୁବିଧା ଦେଖାଯାଇଥିବାରୁ ଏହିଭଳି ହୋଇଥିବା ସୂଚନା ଦେଇଥିଲେ। ସେହିଭଳି ଏ ନେଇ ନୟାଗଡ଼ ବିଇଓ ଦାମୋଦର ଖିଲାରଙ୍କୁ ପଚାରିବାରୁ ସେ କୁହନ୍ତି ସର୍ଭର ଖରାପ ଥିବାରୁ ପିଲାମାନେ ଫେରି ଯାଇଥିଲେ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ କାହିଁକି ପୂର୍ବରୁ ଏ ନେଇ ବ୍ଲକ ତରଫରୁ ବିକଳ୍ପ ବ୍ୟବସ୍ଥା କରାଯାଇ ନ ଥିଲା। ପିଲାମାନେ ନିରାଶ ହୋଇ ଫେରି ଯାଇଥିବାରୁ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଯାଇଥିଲା। ସେହଭଳି ଖଣ୍ଡପଡ଼ା ବ୍ଲକରେ ମଧ୍ୟ ନେଟ୍ କାମ କରି ନ ଥିବାରୁ ଭିଡ଼ିଓ କନ୍‌ଫରେନ୍ସିଂ (ଭିସି) ହୋଇପାରି ନ ଥିଲା। ପିଲାମାନେ ନିରାଶ ହୋଇ ଘରକୁ ଫେରି ଯାଇଥିଲେ।



ବ୍ଲକ ସମ୍ମିଳନୀ କକ୍ଷରେ ଉପସ୍ଥିତ ଛାତ୍ରୀଛାତ୍ର, ଅଭିଭାବକ ଓ ଅନ୍ୟମାନେ।

## ଯୁବକଙ୍କଠାରୁ ଛଡ଼ାଇନେଲେ ଟଙ୍କା ଓ ମୋବାଇଲ୍

**ଦଶପଲ୍ଲା,୫।୧୧(ଡି.ଏନ.ଏ.):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ଶାଳଭଙ୍ଗା ଜଙ୍ଗଲ ନିକଟରେ ଜଣେ ଯୁବକଙ୍କଠାରୁ ଦୁର୍ବୃତ୍ତମାନେ ଟଙ୍କା ଓ ମୋବାଇଲ ଫୋନ ଛଡାଇ ନେଇଛନ୍ତି। ରବିବାର ଅପରାହ୍ନ ୩ଟାରେ ଶାଳଭଙ୍ଗା ଗ୍ରାମର ଅନନ୍ତ କହଁର(୨୮) ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିଲେ। ଏହି ସମୟରେ ବାଣିଗୋଛାରୁ ଦଶପଲ୍ଲା ଅଭିମୁଖେ ୩ଜଣ ଯୁବକ ଏକ ବାଇକରେ ଆସି ଅନନ୍ତଙ୍କ ନିକଟରେ ଅଟକି ଥିଲେ। କେଉଁଠି ମଦ ମିଳୁଛି ବୋଲି ପଚାରିଥିଲେ। ମାତ୍ର ଅନନ୍ତ ଜାଣିନି ବୋଲି କହିବାରୁ ସେମାନେ ଜବରଦସ୍ତ ତାଙ୍କଠାରୁ ମୋବାଇଲ ଫୋନ ସହ ପକେଟରେ ଥିବା ୨ଶହ ଟଙ୍କା ଛଡାଇ ନେଇଥିଲେ। ଏହାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି।

## ନିଯୋଜନ କାର୍ଯ୍ୟାଳୟରେ ତାଲା ପକାଇଲା ଭାଜପା

**ନୟାଗଡ଼ ଅଫିସ,୫।୧୧**

ଡିଆରଡିଏ ରୋଡ଼ସ୍ଥିତ ଜିଲା ନିଯୋଜନ କାର୍ଯ୍ୟାଳୟରେ ସୋମବାର ଭାଜପା ପକ୍ଷରୁ ତାଲା ପକା ଅଭିଯାନ କରାଯାଇଥିଲା। ଓଡ଼ିଶାର ଯୁବତୀ ଯୁବକଙ୍କୁ ନିଯୁକ୍ତି ମିଳୁନି। ରାଜ୍ୟରେ ବେକାରି ସମସ୍ୟା ଉତ୍କଟ ରୂପ ଧାରଣ କଲାଣି। ଜିଲା ନିଯୋଜନ କାର୍ଯ୍ୟାଳୟ କୌଣସି କାମରେ ଆସୁନି। ଯୁବତୀ ଯୁବକମାନେ ନିଯୁକ୍ତି ପାଉନାହାନ୍ତି। ରାଜ୍ୟ ସରକାର ସେମାନଙ୍କୁ ନିଯୁକ୍ତି ଦେବା ପରିବର୍ତ୍ତେ ପ୍ରତାରଣା କରୁଥିବା ବିକ୍ଷୋଭକାରୀମାନେ ପ୍ରକାଶ କରିଥିଲେ। ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଆହ୍ୱାନରେ ଜିଲା ନିଯୋଜନ କାର୍ଯ୍ୟାଳୟରେ ତାଲା ପକାଯାଇଥିଲା। ସିନ୍ଦୂରିଆରୁ ଏକ ବାଇକ୍ ର୍ୟାଲିରେ ବାହାରି ଜିଲା ନିଯୋଜନ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ପରେ ସେଠାରେ ବିକ୍ଷୋଭ ପ୍ରଦର୍ଶନ କରି ବିଜେଡି ବିରୋଧରେ ନାରାବାଜି ଦେଇଥିଲେ। ଭାଜପା ନେତା ଲାଲା ମନୋଜ ରାୟଙ୍କ ନେତୃତ୍ୱରେ ଜିଲା ଭାଜପା ସଭାପତି ସନ୍ନ୍ୟାସୀ ନାୟକ, ରାଘବ ମଲ୍ଲିକ, ଯୁବମୋର୍ଚ୍ଚା ପ୍ରଭାରୀ ଅଭିଜିତ୍ ମିଶ୍ରଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ।



ଭାଜପା ତରଫରୁ ଜିଲା ନିଯୋଜନ କାର୍ଯ୍ୟାଳୟ ଆଗରେ ତାଲା ପକାଇ ବିକ୍ଷୋଭ।

# ବାରମ୍ବାର ଅଭିଯୋଗ ପରେ ବି ମିଳୁନି ସୁଫଳ

**ନୂଆଗାଁ ବ୍ଲକ**

■ପ୍ରତିଶ୍ରୁତି ମିଳୁଛି, ତଦନ୍ତ ନାହିଁ

■ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ

**ନୂଆଗାଁ,୫।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକର ପଞ୍ଚାୟତବାସୀଙ୍କ ବିଭିନ୍ନ ସମସ୍ୟା ନେଇ ବ୍ଲକ ଅଧିକାରୀମାନଙ୍କୁ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ତାହାର ତଦନ୍ତ କରାଯାଉ ନାହିଁ। ଫଳରେ ଅଭିଯୋଗକାରୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି।

ନୂଆଗାଁ ବ୍ଲକରେ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ଓ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ଦେଖାଦେଉଛି। ଏପରି କି ଅନେକ ଲୋକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ବାରମ୍ବାର ନୂଆଗାଁ ବିଡିଓଙ୍କ ପାଖରେ ଅଭିଯୋଗ କରାଯାଉଛି। ହେଲେ ବିଡିଓ ତଦନ୍ତ କରାଯିବ ବୋଲି ଲୋକଙ୍କୁ ପ୍ରତିଶ୍ରୁତି ଦେଉଥିବାବେଳେ ତାହା କରାଯାଉ ନାହିଁ। ଅକ୍ଟୋବର ୧୫ ତାରିଖରେ ଜାକେଡା ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ପଞ୍ଚାୟତବାସୀ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ଏହାସହ ଡିଲର ସେମାନଙ୍କୁ ଦେଇଥିବା ବାଲିଗୋଡି ମିଶା ଚାଉଳ ବିଡିଓଙ୍କୁ ଦେଖାଇଥିଲେ। ଏହାର ତୁରନ୍ତ ତଦନ୍ତ କରାଯାଇ ସେମାନଙ୍କୁ ଭଲ ଚାଉଳ ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ତାହା ଆଜିଯାଏ କରାଗଲା ନାହିଁ। ସେହିପରି ରାଶନ କାର୍ଡ ତାଲିକା ପ୍ରସ୍ତୁତିରେ ଅନିୟମିତତା ହୋଇଥିବା ନେଇ ଶତାଧିକ ଲୋକ ଅକ୍ଟୋବର ୧୦ ତାରିଖରେ କାର୍ଡ ବଣ୍ଟନ ଦିନ ବିଡିଓଙ୍କୁ ଘେରି ଅଭିଯୋଗ କରିଥିଲେ। ଏହାର ତଦନ୍ତ କରାଯାଇ ଉପଯୁକ୍ତ ହିତାଧିକାରୀଙ୍କୁ ରାଶନ କାର୍ଡ ଦିଆଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା କରାଯାଇ ନାହିଁ । ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ଲୋକମାନେ ଘରୋଇ ପାଇଖାନା ନିର୍ମାଣ କରିବା ପାଇଁ କାର୍ଯ୍ୟାଦେଶ ପାଇ ପାଇଖାନା ନିର୍ମାଣ କରିବାର ବର୍ଷେ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଅନୁଦାନ ଦିଆଯାଇ ନାହିଁ। ଏ ନେଇ ଅଭିଯୋଗ ହୋଇଥିଲେ ବି ସୁଫଳ ମିଳୁନାହିଁ। ସୋରଡା ପଞ୍ଚାୟତର ପମ୍ପ ହାଉସରେ ଏସ୍ଇଏମ ଭାବେ କାର୍ଯ୍ୟ କରୁଥିବା କର୍ମଚାରୀ ସନାତନ ନାୟକଙ୍କୁ ୧୫ ମାସର ଦରମା ଦିଆଯାଉ ନ ଥିବା ନେଇ ସେ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ ତାହାର ତଦନ୍ତ ନାହିଁ କି ତାଙ୍କୁ ପ୍ରାପ୍ୟ ଦିଆଯାଉ ନାହିଁ । ନିକଟରେ ଦୁର୍ଦ୍ଧୁରା ପଞ୍ଚାୟତରେ ଭତ୍ତା ବଣ୍ଟନ ପରେ ହିତାଧିକାରୀଙ୍କଠାରୁ ୨୦୦ଟଙ୍କା ପଞ୍ଚାୟତ ପିଅନ ମାଗିନେଇଥିବା ନେଇ ଗତ ଶନିବାର ବିଡିଓଙ୍କୁ ଭେଟି କିଛି ଲୋକ ଲିଖିତ ଅଭିଯୋଗ କରିଥିଲେ। ବିଡିଓ ଏହାର ତଦନ୍ତ କରିବେ ବୋଲି ଅଭିଯୋଗକାରୀଙ୍କୁ ପ୍ରତିଶ୍ରୁତି ଦେଇଥିବାବେଳେ କେତେଦୂର ଏହା କାର୍ଯ୍ୟକାରୀ ହେଉଛି ତାହାକୁ ଲୋକେ ଅପେକ୍ଷା କରିଛନ୍ତି। ଏ ସମ୍ପର୍କରେ ନୂଆଗାଁ ବିଡିଓ ଶିରିୟାଲ ଏସ୍ ପଟେଲଙ୍କୁ ପଚାରିବାରୁ ସେ କହିଥିଲେ, ସମୟ ଅଭାବରୁ ତଦନ୍ତ କରିପାରି ନାହିଁ। ଖୁବ୍‌ଶୀଘ୍ର ବିଭିନ୍ନ ଅଭିଯୋଗ ଉପରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଜାକେଡା ପଞ୍ଚାୟତବାସୀ ପାଇଥିବା ଗୋଡିବାଲି ମିଶା ଚାଉଳ ବିଡିଓଙ୍କୁ ଦେଖାଉଛନ୍ତି।

## ସଂକ୍ଷେପରେ

### ବୁଢାଖୋଲ ଶୈବପୀଠରେ ଭକ୍ତଙ୍କ ଭିଡ଼



**ବୁଗୁଡ଼ା,୫।୧୧(ଡି.ଏନ.ଏ.):** ବୁଗୁଡ଼ା ନିକଟସ୍ଥ ଶୈବପୀଠ ବୁଢାଖୋଲରେ କାର୍ତ୍ତିକ ଦ୍ୱିତୀୟ ସୋମବାର ଅବସରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଛି। ବୁଢାଖୋଲରେ ଗଙ୍ଗାଧରେଶ୍ୱର, ଜଗଦୀଶ୍ୱର, ମକରେଶ୍ୱର, ସିଦ୍ଧେଶ୍ୱର ଓ ବୁଢେଶ୍ୱର ଆଦି ପଞ୍ଚ ମହାଦେବଙ୍କ ଦର୍ଶନ କରିବା ପାଇଁ ଭକ୍ତଙ୍କ ବେଶ ସମାଗମ ହୋଇଛି। ଏଥିସହ ବୁଢାଖୋଲ ପ୍ରାକୃତିକ ମନୋରମ ଝରଣାର ଦୃଶ୍ୟ ଓ ବିରାଟ ଶିବ ପାର୍ବତୀଙ୍କ ଯୁଗଳ ମୂର୍ତ୍ତି ଦେଖିବାକୁ ଭକ୍ତଙ୍କ ମଧ୍ୟରେ ଖୁସି ଦେଖାଯାଉଛି। ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ବୁଢାଖୋଲ ଉନ୍ନୟନ ସମିତିର ସଭ୍ୟମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏଠାରେ ବହୁ ଭକ୍ତଙ୍କ ସମାଗମ ହୋଇଛି।

### ବାତ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କଲେ ଚନ୍ଦ୍ରଶେଖର

**ଆର.ଉଦୟଗିରି,୫।୧୧(ଡି.ଏନ.ଏ.):** ଆର.ଉଦୟଗିରି ବ୍ଲକର ବିଭିନ୍ନ ଅଞ୍ଚଳ ରବିବାର ପୂର୍ବତନ କେନ୍ଦ୍ରମନ୍ତ୍ରୀ ଚନ୍ଦ୍ରଶେଖର ସାହୁ ପରିଦର୍ଶନ କରି କ୍ଷତିଗ୍ରସ୍ତ ଲୋକଙ୍କ ସହ ଆଲୋଚନା କରିଛନ୍ତି। ବ୍ଲକର ଆଞ୍ଜରବା, ଜାମଢ଼ୋଲା, ବାଲିଡ଼ି, ଫୁଲସରା, ଥାଟରାଜ କଲୋନୀ, ବଡ଼ଗାଡ ଓ ଚାଞ୍ଚଡ଼ାଖତ ଗ୍ରାମର ବହୁ ଲୋକଙ୍କୁ ସମସ୍ୟା ପଚାରି ବୁଝିଥିଲେ। ଥାଟରାଜ କଲୋନୀ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ସତ୍ତ୍ୱେ ଆରଆଇ ଆଂଶିକ କ୍ଷତି ଦର୍ଶାଇଥିବା କଲୋନୀ ବାସିନ୍ଦା ଅଭିଯୋଗ କରିଥିଲେ। ସେହିପରି ଚାଞ୍ଚଡ଼ାଖତର ପୋଲ ପଡ଼ିଯାଇ ପ୍ରାଣ ହରାଇଥିବା ପିଲାଙ୍କ ପରିବାରକୁ କୌଣସି କ୍ଷତିପୂରଣ ଦିଆଯାଇନଥିବା ଅଭିଯୋଗ ହୋଇଥିଲା। ଚନ୍ଦ୍ରଶେଖରଙ୍କ ପରିଦର୍ଶନ ବେଳେ ମୋହନା ବିଧାୟିକା ବାସନ୍ତୀ ମଲ୍ଲିକ, ଜଗବନ୍ଧୁ ଦାସ, ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ, ତାରିଣୀ ଗୌଡ଼ ଓ ଝାମ୍ପୁରା ରଇତ ପ୍ରମୁଖ ଉପସ୍ଥିତ ଥିଲେ।

### ଶୌଚାଳୟ ନିର୍ମାଣ ପାଇଁ ବିପର୍ଯ୍ୟସ୍ତ ରାସ୍ତା ପ୍ରତିବନ୍ଧକ

ବୁଗୁଡ଼ା,୫।୧୧(ଡି.ଏନ.ଏ.)-ବୁଗୁଡ଼ା ବ୍ଲକ କରଚୁଲି ପଞ୍ଚାୟତ କିରିଆମ୍ବା ଆଦିବାସୀ ଗ୍ରାମରେ ଶୌଚାଳୟ ନିର୍ମାଣ ପାଇଁ ଗ୍ରାମବାସୀ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ରାସ୍ତାଘାଟ ବିପର୍ଯ୍ୟସ୍ତ ଯୋଗୁ ଉକ୍ତ ଗ୍ରାମକୁ ନିର୍ମାଣ ସାମଗ୍ରୀ ଯାଇପାରୁନଥିବାରୁ ଶୌଚାଳୟ ନିର୍ମାଣ ହୋଇପାରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରବିବାର ପୁଣି କିରିଆମ୍ବା ଗ୍ରାମରେ ବାହ୍ୟ ମଳମୁକ୍ତ ତଥା ଶୌଚାଳୟ ନିର୍ମାଣ ଦିଗରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କରଚୁଲି ପଞ୍ଚାୟତର ନାଏବ ସରପଞ୍ଚ ପ୍ରସନ୍ନ ପଲାଇ, ୱାର୍ଡସଭ୍ୟ ବାସୁଦେବ ନାୟକ ଓ ସ୍ୱଚ୍ଛତା ମିଶନର ପ୍ରବର୍ତ୍ତକ ନୃସିଂହ ଚରଣ ଦାଶ ପ୍ରମୁଖ ଗ୍ରାମବାସୀଙ୍କୁ ଶୌଚାଳୟ ନିର୍ମାଣ ପାଇଁ ସଚେତନ କରିଥିଲେ। କିନ୍ତୁ ଉକ୍ତ ଗ୍ରାମର ୫୬ ପରିବାର ତାଙ୍କ ଗ୍ରାମକୁ ଥିବା ରାସ୍ତା କାଦୁଅ, ଖାଲ ଢିପରେ ବିପର୍ଯ୍ୟସ୍ତ ହୋଇଥିବାରୁ ଏହି ରାସ୍ତା ଦେଇ କୌଣସି ଯାନବାହାନ ନ ଆସିବା ଫଳରେ ସେମାନେ କୌଣସି ସାମଗ୍ରୀ ପାଇପାରୁନାହାନ୍ତି। ଏପରିକି ସ୍ୱାସ୍ଥ୍ୟ ଖରାପ ହେଲେ ମଧ୍ୟ ଡୋଲାରେ ରୋଗୀଙ୍କୁ ନେବାକୁ ପଡୁଛି। ତେଣୁ ଏ ପ୍ରକାର ପରିସ୍ଥିତିରେ କିପରି ଶୌଚାଳୟ ନିର୍ମାଣ କରିବେ ସେ ନେଇ ବୈଠକରେ ଗ୍ରାମବାସୀ କହିଥିଲେ।

### ବିସିଏ ବିଭାଗର ପାଠଚକ୍ର

**ଚିକିଟି,୫।୧୧(ଡି.ଏନ.ଏ.):** ଚିକିଟିଗଡ ସ୍ଥିତ ମହାବିଦ୍ୟାଳୟ ପରିସରରେ ଶନିବାର ବିସିଏ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ବିଚିତ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପାଠଚକ୍ରରେ ବିସିଏ ବିଭାଗର ନିର୍ଦ୍ଦେଶକ ଲୋକନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆନନ୍ଦ ମହାରଣା, ସୁନିଲ କୁମାର ପାଢୀ ପ୍ରମୁଖ ଯୋଗଦେଇ ଏହି ପାଠଚକ୍ରର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିସିଏ ବିଭାଗର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ କମ୍ପ୍ୟୁଟର ଟେକ୍ନୋଲୋଜି ଉପରେ ପ୍ରବନ୍ଧ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଦେବାଶିଷ ପାଢୀ, ବାଙ୍କେଶ୍ୱରୀ ପାଣିଗ୍ରାହୀ, କାହ୍ନୁଚରଣ ବେହେରା, ଅଧ୍ୟାପିକା ପଦ୍ମିନି ରାଉଳ ପ୍ରମୁଖ ଉପସ୍ଥିତ ରହି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମକୁ ବିସିଏ ବିଭାଗର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

## ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା ଶିକ୍ଷାକେନ୍ଦ୍ର

# ଅଧ୍ୟାପକ ବଦଳି ପ୍ରତିବାଦରେ ଆନ୍ଦୋଳନ

**କନିଷି,୫।୧୧(ଡି.ଏନ.ଏ.)**

ଦକ୍ଷିଣ ଓଡ଼ିଶାର ଏକମାତ୍ର ପ୍ରମୁଖ ଶିକ୍ଷାନୁଷ୍ଠାନ ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ କନିଷି ହାଟସ୍ଥିତ ବାଲାଜୀ ବିଦ୍ୟାପୀଠ ନିକଟରେ ଥିବା ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା କେନ୍ଦ୍ରରେ ଶିକ୍ଷା (ସ୍ନାତକ) ବିଇଡି ଶିକ୍ଷା (ସ୍ନାତକୋତ୍ତର) ଏମ୍‌ଇଡି ଓ ଶିକ୍ଷା (ଏମଫିଲ)ରେ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଫଳରେ ଆଗାମୀ ଶିକ୍ଷାବର୍ଷରେ ଏହି ଅନୁଷ୍ଠାନକୁ କେନ୍ଦୁଝର, କଟକ, ପୁରୀ, ଭୁବନେଶ୍ୱର, ସମ୍ବଲପୁର ସମେତ ବିଭିନ୍ନ ଜିଲାରୁ ଛାତ୍ରୀଛାତ୍ର ନାମ ଲେଖାଇବାକୁ ଥିବାରୁ ଶିକ୍ଷକ ନଥିଲେ କିଭଳି ପାଠ ପଢ଼ାଯିବ ସେ ନେଇ ସୋମବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ଅଞ୍ଚଳବାସୀ ଓ ଗଞ୍ଜାମ ଜିଲା ବିକାଶ ମଞ୍ଚ ସଦସ୍ୟମାନେ ବିଇଡି କଲେଜ ସମ୍ମୁଖରେ ବସି ଆନ୍ଦୋଳନ କରିଥିଲେ। ଏହି ସମୟରେ ଦିବାକର ପଟ୍ଟନାୟକ ଉଚ୍ଚତର ଗବେଷଣା କେନ୍ଦ୍ରରେ ଜଣେ ହେଲେ ଅଧ୍ୟାପକ କିମ୍ବା ଶିକ୍ଷକ ଆସିନଥିଲେ। ଏନେଇ ଅଧ୍ୟକ୍ଷ ରାଜ କିଶୋର ମିଶ୍ରଙ୍କୁ ଫୋନ ମାଧ୍ୟମରେ ଅଭିଯୋଗ କରିଥିଲେ। ସେ କହିଥିଲେ ମୋତେ ପୁରୀ ଜିଲା ଏସ୍‌ଏସ୍ କଲେଜକୁ ସରକାର ପଠାଇଛନ୍ତି। କିଛି ସମୟ ପରେ ଅଧ୍ୟାପିକା ଡ. ଗାୟତ୍ରୀ ମହାନ୍ତିଙ୍କୁ ଅଞ୍ଚଳବାସୀ ଅଭିଯୋଗ କରିବା ପରେ କହିଥିଲେ ଆମେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଏହି ବିଷୟରେ ଜଣାଇଥିଲେ ସୁଦ୍ଧା କିଛି ସମାଧାନ ହୋଇପାରୁନାହିଁ। କିଛିଦିନ ତଳେ ୨ଜଣ ଅଧ୍ୟାପିକାଙ୍କୁ ଏଠାରୁ ଭୁବନେଶ୍ୱର ବଦଳି କରାଯାଇଛି। ମାତ୍ର ୨ଜଣ ଅଧ୍ୟକ୍ଷ ଶିକ୍ଷାଦାନ କରୁଛନ୍ତି। ଏହିଭଳି ସ୍ଥିତିରେ ୨୦୧୯ ମସିହା ଜାନୁଆରୀ ୧ ତାରିଖରେ ଅଧ୍ୟକ୍ଷ ଅବସର ନେବେ। ଫଳରେ ଜଣେ ମାତ୍ର ଶିକ୍ଷକଙ୍କୁ ନେଇ ଅନୁଷ୍ଠାନ ଚାଲିବ। ପିଲାଙ୍କୁ କିଭଳି ଶିକ୍ଷାଦାନ କରାଯିବ ସେନେଇ ସୋମବର ଗଞ୍ଜାମ ଜିଲା ବିକାଶ ମଞ୍ଚର ସଭାପତି ରାଜେନ୍ଦ୍ର କୁମାର ପଣ୍ଡା, ଉପଦେଷ୍ଟା ଶିବ ପ୍ରସାଦ ମିଶ୍ର, ନିରଞ୍ଜନ ଦାଶ, ସତୀଶ ପାଣିଗ୍ରାହୀ, ରଙ୍ଗେଇଲୁଣ୍ଡା ବ୍ଲକ ଭାଜପା ଜିଲା ପରିଷଦ ସଭ୍ୟ ବିନୋଦ ଚନ୍ଦ୍ର ମିଶ୍ର, ପୂର୍ବତନ ସମିତିସଭ୍ୟ ରଜତ କୁମାର ପଣ୍ଡିତଙ୍କ ସମେତ ବହୁ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ବଦଳି ହୋଇଥିବା ଅଧ୍ୟାପିକା, ଅଧ୍ୟାପକଙ୍କୁ ବଦଳି ନ କରିବା ପାଇଁ ସେମାନେ ଦାବିପତ୍ର ମାଧ୍ୟମରେ ଜଣାଇଥିଲେ। ଆସନ୍ତା ଏକ ସପ୍ତାହ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆନଗଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଓ ଜନ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି।



ଗଞ୍ଜାମ ଜିଲା ବିକାଶ ମଞ୍ଚ ପକ୍ଷରୁ ଆନ୍ଦୋଳନ।

## ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫେରେନ୍ସିଂ

# ମାଟ୍ରିକ ମେଧା ଛାତ୍ରୀଛାତ୍ରଙ୍କ ସହ କଥାବାର୍ତ୍ତା

**ହିଞ୍ଜିଳିକାଟୁ, ୫।୧୧(ଡ଼ି.ଏନ୍.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସନ୍ଧ୍ୟାରେ ରାଜ୍ୟର ସମସ୍ତ ବ୍ଲକ ସହ ସଧାସଳଖ ଭିଡିଓ କନଫେରେନ୍ସିଂ ମାଧ୍ୟମରେ ଯୋଡ଼ି ହୋଇ ଆଲୋଚନା କରିଛନ୍ତି। ଏହି କ୍ରମରେ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳର ଗତ ମାଟ୍ରିକ ପରୀକ୍ଷାରେ ବ୍ଲକର ୧ଶହ ଓ ପୌରାଞ୍ଚଳର ୫୦ ଶ୍ରେଷ୍ଠ ଛାତ୍ରୀଛାତ୍ରଙ୍କୁ ମେଧାବୃତ୍ତି ଓ ୧୫ଜଣଙ୍କୁ ମାତୃଭାଷା ଓଡ଼ିଆରେ ଶ୍ରେଷ୍ଠ ମାର୍କ ପାଇଁ ପ୍ରତ୍ୟେକଙ୍କୁ ୫ହଜାର ସହାୟତା ପ୍ରଦାନ କରାଯାଇଛି। ଭିଡିଓ କନେଫେରେନ୍ସିରେ ମୁଖ୍ୟମନ୍ତ୍ରୀଙ୍କୁ ଭାଷାବୃତ୍ତି ପାଇଥିବା ଛାତ୍ରୀ ଅରୁନ୍ଧତୀ ପଣ୍ଡା ଓ ମେଧାବୃତ୍ତି ପାଇଥିବା ଛାତ୍ର ମାନସ ରଞ୍ଜନ ଜେନାଙ୍କ ନିଜ ଅନୁଭୂତି ପ୍ରକାଶ କରିଥିଲେ। ଭାଷାବୃତ୍ତି ଓ ମେଧାବୃତ୍ତି ପାଇଥିବା ଛାତ୍ରୀଛାତ୍ର ଖୁସି ଅଛନ୍ତି କି ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରଶ୍ନରେ ଉପସ୍ଥିତ ସମସ୍ତ ଛାତ୍ରୀଛାତ୍ର ‘ହଁ’ କହିଥିଲେ। ଏଥିସହ ସରସ୍ୱତୀ ଶିଶୁ ମନ୍ଦିର ହିଞ୍ଜିଳିକାଟୁ, ସତ୍ୟଭାମା ନୋଡ଼ାଲ ବିଦ୍ୟାପୀଠ ବଡ଼ଖଣ୍ଡି,ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ ନନ୍ଦିକ ଓ ଗଣେଶ ବିଦ୍ୟାପୀଠ ଗଣ୍ଡଲାକୁ ଶ୍ରେଷ୍ଠ ହାଇସ୍କୁଲ ଭାବେ ପୁରସ୍କାର ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଭିଡିଓ କନଫେରେନ୍ସିଂ କାର୍ଯ୍ୟକ୍ରମ ବ୍ଲକର ସଭାଗୃହରେ ଆୟୋଜିତ ହୋଇଥିଲା। ଏଥିରେ ଗଞ୍ଜାମ ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲା ଶିକ୍ଷାଧିକାରୀ ସନାତନ ପଣ୍ଡା, ବ୍ଲକ ଅଧ୍ୟକ୍ଷ ଏନ ରଘୁନାଥ, ବିଡିଓ ପ୍ରସନ୍ନ କୁମାର ପାତ୍ର, ତହସିଲଦାର ଗୋପୀନାଥ କୁଅଁର, ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଶୋକ କୁମାର ପଣ୍ଡା, ସୁରେନ୍ଦ୍ର ପ୍ରଧାନ, ଡି ବିଶ୍ୱନାଥଙ୍କ ସହ ବହୁ ଜନ ପ୍ରତିନିଧି. ଶିକ୍ଷୟିତ୍ରୀ ଶିକ୍ଷକ, ଅଭିଭାବକ ଯୋଗ ଦେଇଥିଲେ।


ମୁଖ୍ୟମନ୍ତ୍ରୀଙ୍କ ସହ ଛାତ୍ରୀ ଛାତ୍ର ନିଜ ଅନୁଭୂତି କହୁଛନ୍ତି।

## ■ ତିତ୍‌ଲିକୁ ମାସେ ପୂରିବ

# ସହାୟତାରୁ ବଞ୍ଚିତ କ୍ଷତିଗ୍ରସ୍ତ ପରିବାର



କ୍ଷତିଗ୍ରସ୍ତ ପରିବାର।

**ଚିକିଟି,୫।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଚିକିଟି ବ୍ଲକର ୧୭ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ତିତ୍‌ଲି ପ୍ରଭାବରେ ବର୍ଷା ଓ ପବନରେ ବହୁ ପରିବାର କ୍ଷତିଗ୍ରସ୍ତ ହୋଇଥିଲେ। ବାତ୍ୟାକୁ ମାସେ ପୂରିବାକୁ ଯାଉଥିଲେ ସୁଦ୍ଧା ଏଯାବତ ସେମାନଙ୍କୁ ସରକାରୀ ସୁବିଧା ମିଳିପାରି ନ ଥିବା ଅଭିଯୋଗ ହୋଇଛି। କ୍ଷତିଗ୍ରସ୍ତ ପରିବାର ତହସିଲ୍ ଓ ବ୍ଲକ୍ ପ୍ରଶାସନ ନିକଟକୁ ଧାଇଁ ଧାଇଁ ନିରାଶ ହେଉଛନ୍ତି। ଚିକିଟି ବ୍ଲକ୍‌ର ୧୭ଟି ପଞ୍ଚାୟତର ୩୭୫୬ ପରିବାର ପ୍ରଭାବିତ ହୋଇଥିଲେ। ସରକାର ପ୍ରତି ପରିବାରର ବୟସ୍କ ଲୋକଙ୍କୁ ମୁଣ୍ଡପିଛା ୬୦ ଟଙ୍କା ଓ ଶିଶୁମାନଙ୍କୁ ୪୫ ଟଙ୍କାର ରିଲିଫ ଦେବେ ବୋଲି ଘୋଷଣା କରିଥିଲେ। ଏଯାବତ୍ ଘୋଷଣା ମୁତାବକ କ୍ଷତିପୂରଣ ପାଇନାହାନ୍ତି । ଏହାକୁ ନେଇ ବିରୋଧି ଦଳ ଅସନ୍ତୋଷ ପ୍ରକାଶ କରିଛି। ସେହିପରି ଉକ୍ତ ବ୍ଲକ୍‌ର ୧୯୬୦ ଚାଷୀଙ୍କ ୧୧ହଜାର ୫୧୬ ହେକ୍ଟର ଜମି ପ୍ରଭାବିତ ହୋଇଛି। ସରକାରଙ୍କ ଠାରୁ ବର୍ତ୍ତମାନ ସୁଦ୍ଧା କୌଣସି କ୍ଷତିପୁରଣ ନ ମିଳିବାରୁ ଚାଷୀ କାମଧନ୍ଦା ପାଇଁ ଗାଁ ଛାଡୁଥିବା ଦେଖିବାକୁ ମିଳୁଛି । କ୍ଷୟକ୍ଷତିର ଠିକ୍ ଆକଳନ କରିବା ଲାଗି ସରକାର ତହସିଲ୍‌ଦାର ଓ ଆର୍‌ଆଇମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରଶାସନ ସରକାରଙ୍କ ନିର୍ଦ୍ଦେଶକୁ ଖାତିରି କରୁନଥିବା ଯୋଗୁଁ ବର୍ତ୍ତମାନ ଚାଷୀମାନେ କ୍ଷତିପୁରଣ ସହାୟତା ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି । ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ନିରାଶ ଓ କ୍ଷତିଗ୍ରସ୍ତ ହୋଇଥିବା ଚାଷିଙ୍କ ସହାୟତା ପ୍ରଦାନ ଲାଗି ପଦକ୍ଷେପ ନେବାକୁ ଦାବି ହେଉଛି । ଏ ସମ୍ପର୍କରେ ଚିକିଟି ତହସିଲ୍‌ଦାର ହରପ୍ରସାଦ ଭୋଇଙ୍କ ସହ ଯୋଗାଯୋଗ ବେଳେ ଉକ୍ତ ବ୍ଲକ୍‌ର ୧୦୪୮ ଘର ତିତ୍‌ଲି ପ୍ରଭାବରେ ବର୍ଷା ଓ ପବନରେ ଭାଙ୍ଗି ଯାଇଥିବା ସରକାରଙ୍କୁ ରିପୋର୍ଟ ଦିଆଯାଇଛି । ସେହି ମୁତାବକ ଅର୍ଥ ମଞ୍ଜୁର ହୋଇ ଆସିଲେ ଲୋକଙ୍କୁ ସହାୟତା ଦିଆଯିବ ବୋଲି କହିଛନ୍ତି । ଏନେଇ ଏବିଡିଓ ରମାକାନ୍ତ ସାହୁଙ୍କୁ ପଚାରିବାରୁ ରିଲିଫ ପାଇଁ ଆକଳନ ଚାଲିଛି, ସରିଲା ପରେ ଆକାଉଣ୍ଟକୁ ଟଙ୍କା ପଠାଯିବ।

### ଯୁଗ୍ମ ଜନଶୁଣାଣିରେ ୨୭୦ ଅଭିଯୋଗ

**ପାରଳାଖେମୁଣ୍ଡି, ୫।୧୧ (ସ୍ୱ.ପ୍ର.)**

ଗଜପତି ଜିଲା ଗୋଷାଣୀ ବ୍ଲକ ତାଟିପେଟି ପଞ୍ଚାୟତରେ ସୋମବାର ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାପାଳ ଅନୁପମ ଶାହା ଓ ଜିଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଦାସ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ୨୪୦ଟି ବ୍ୟକ୍ତିଗତ ଓ ୩୦ଟି ସାମୂହିକ ଅଭିଯୋଗ ଶୁଣାଣି ହୋଇଥିଲା। ଗୁରାଣ୍ଡି ଗ୍ରାମରେ ଥିବା ମଦ ଦୋକାନ ବନ୍ଦ କରିବା ନିମନ୍ତେ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏଠାରେ ଅବକାରୀ ବିଭାଗର କୌଣସି ଅଧିକାରୀ ନ ଥିବାରୁ ଜିଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ । ସେହିପରି ତିତ୍‌ଲି ଦ୍ୱାରା ଭାଙ୍ଗିରୁଜି ଯାଇଥିବା ବାସଗୃହ କ୍ଷତିପୂରଣ ଓ ଆବାସ ଗୃହ ଯୋଗାଇଦେବାକୁ ଦାବି କରାଯାଇଥିଲା। ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ କୋଠା ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦାବି କରିଥିଲେ।

### ଗଡ଼ିଲା ସଚେତନତା ରଥ

**ପାରଳାଖେମୁଣ୍ଡି, ୫।୧୧(ସ୍ୱ.ପ୍ର.):** ଗଜପତି ଜିଲାରେ ବାତ୍ୟା ପରବର୍ତ୍ତୀ ପରିମଳ ବ୍ୟବସ୍ଥା ସଜାଡ଼ିବା ପାଇଁ ସ୍ୱଚ୍ଛ ଓ ସୁସ୍ଥ ଗଜପତି ସଚେତନତା ରଥର ଶୁଭାରମ୍ଭ ହୋଇଛି । ଜିଲାପାଳ ଅନୁପମ ଶାହା ସୋମବାର ଏହି ରଥର ଶୁଭାରମ୍ଭ କରି କହିଛନ୍ତି, ବାତ୍ୟା ପରେ ଜିଲାର ପରିମଳ ବ୍ୟବସ୍ଥା ଅତ୍ୟନ୍ତ ବିପର୍ଯ୍ୟସ୍ତ ହୋଇପଡିଛି। ଏଭଳି ପରିସ୍ଥିତିରେ ଲୋକେ ଯେଭଳି ସ୍ୱାସ୍ଥ୍ୟ ପ୍ରତି ଅଧିକ ଧ୍ୟାନ ଦେବେ ଓ କୌଣସି ରୋଗ ନ ବ୍ୟାପିବ ସେ ସମ୍ପର୍କରେ ଏହି ରଥ ସଚେତନ କରିବ।

# ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶା ନେଇ ସଚେତନତା ଶିବିର

**କୋଦଳା,୫।୧୧(ଡି.ଏନ୍.ଏ.)**

ବେଗୁନିଆପଡ଼ା ବ୍ଲକ ଫାସି ପଞ୍ଚାୟତରେ ସୋମବାର ଅପରାହ୍ନରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବିଡିଓ ପ୍ରଦୀପ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛ ଓଡ଼ିଶା ସୁସ୍ଥ ଓଡ଼ିଶାକୁ ନେଇ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସରପଞ୍ଚ ନବୀନ କୁମାର ଦଳାଇଙ୍କ ଦ୍ୱାରା ଆୟୋଜି ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ଲକ ସହକାରୀ ଯନ୍ତ୍ରୀ ବଂଶୀଧର ପରିଡ଼ା, ଜିପିଓ ନାରାୟଣ ବେହେରା, ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ସହାୟକ ଯନ୍ତ୍ରୀ ମମତା ପଣ୍ଡା ଯୋଗ ଦେଇଥିଲେ। ଆଖପାଖ ୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଏସ୍‌ଏସ୍‌ଜି ଓ ବିଦ୍ୟାଳୟର ଛାତ୍ରୀଛାତ୍ର ଫାସି ପଞ୍ଚାୟତର ସମସ୍ତ ସାହିରେ ବୁଲି ସ୍ଲୋଗାନ ଦେବା ସହ ଶୋଭାଯାତ୍ରା କରିଥିଲେ ଏବଂ ଘରେ ଘରେ ପହଞ୍ଚି ପରିମଳ ସୁରକ୍ଷା ଦ୍ୱାରା ସୁସ୍ଥ ସ୍ୱାସ୍ଥ୍ୟ ସହ ସୁସ୍ଥ ଓଡ଼ିଶା କିପରି ହୋଇପାରିବ ବୁଝାଇଥିଲେ। କାର୍ଯ୍ୟକ୍ରମରେ ବେଗୁନିଆପଡ଼ା ବ୍ଲକର ସମସ୍ତ ବିଭାଗର କନିଷ୍ଠ ଯନ୍ତ୍ରୀମାନେ ପରିଚାଳନା କରିବା ସହ ଗ୍ରାମବାସୀ ସହଯୋଗ କରିଥିଲେ।



ସଚେତନତା ଶିବିରରେ ମଞ୍ଚାସୀନ ଅତିଥି।

## ବ୍ରାହ୍ମଣ ମହାସଂଘର ଜୋନ୍‌ସ୍ତରୀୟ ବୈଠକ

**ଆସିକା,୫।୧୧(ଡି.ଏନ୍.ଏ.)**

ଆସିକା ବ୍ଲକ୍ ବ୍ରାହ୍ମଣ ମହାସଂଘର ଏକ ଜୋନ୍ ସ୍ତରୀୟ ବୈଠକ ରବିବାର ଦିନ ଭେଟନଇ ନିକଟସ୍ଥ କଙ୍କଣଦେବୀ ପୀଠରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ବ୍ଲକର ବାବନପୁର, ଖାରିଆ, ଆଲିପୁର, ସିଦ୍ଧନୟୀ, ଭେଟନଇ, ପାଣ୍ଡିଆପଥର, ବଡଖୋଲି ଆଦି ପଞ୍ଚାୟତର ପ୍ରତିନିଧି ସାମିଲ୍ ଥିଲେ। ବନମାଳି ସାମନ୍ତରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲା ବ୍ରାହ୍ମଣ ମହାସଂଘ ସଭାପତି ଲକ୍ଷ୍ମୀ ନାରାୟଣ ଚୌଧୁରୀ, ସମ୍ମାନିତ ଅତିଥି ରୂପେ ଜିଲା ଉପ-ସଭାପତି ଇଂ. ସୀମାଞ୍ଚଳ ମହାପାତ୍ର, ଚିତ୍ତରଞ୍ଜନ ପଣ୍ଡା, ପର୍ଶୁରାମ ବାହିନୀ ଏବଂ ସଭାପତି ପ୍ରତାପ କୁମାର ମିଶ୍ର, ଧରାକୋଟ ବ୍ଲକ୍ ସଭାପତି ନିରୋଜ କୁମାର ପାଢୀ, ସୁରେନ୍ଦ୍ରନାଥ ମିଶ୍ର, ସିତାରାମ ମୋହିନୀ ପ୍ରମୁଖ ଯୋଗଦେଇଥିଲେ। ଆସିକା ବ୍ରାହ୍ମଣ ମହାସଂଘର ସଭାପତି ଗଙ୍ଗାଧର ଶତପଥୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ଭାଗିରଥି ଷଡଙ୍ଗୀ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସରକାରୀ ସଂରକ୍ଷଣ ନୀତିରେ ବ୍ରାହ୍ମଣମାନେ ଉପେକ୍ଷିତ ହୋଇ ଦିନକୁ ଦିନ ତଳିତଳାନ୍ତ ଅବସ୍ଥାକୁ ଚାଲିଯାଇଥିବା ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା। ଅର୍ଥନୈତିକ ଭିତ୍ତିରେ ସଂରକ୍ଷଣ ବ୍ୟବସ୍ଥାକୁ ଲାଗୁ କରିବା, ମେଧା ପ୍ରତି ଗୁରୁତ୍ୱାରୋପ କରି ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବ୍ରାହ୍ମଣ ପିଲାଙ୍କୁ ସୁଯୋଗ ଦେବା, ଅର୍ଥନୈତିକ ଅନଗ୍ରସର ବ୍ରାହ୍ମଣ ପରିବାରକୁ ସରକାରୀ ସହାୟତା ଓ ସରକାରୀ ବ୍ୟବସ୍ଥାରେ ଛିନ୍ନ ହୋଇଥିବା ଗଣତାନ୍ତ୍ରିକ ଅଧିକାରକୁ ପୁନଃ ଫେରସ୍ତ ଦିଗରେ ସରକାର ତୁରନ୍ତ ଧ୍ୟାନ ଦେବା ନିମନ୍ତେ ପ୍ରସ୍ତାବ ଗୃହିତ ହୋଇଥିଲା। ବ୍ରାହ୍ମଣମାନେ ଏହି ନୀତିଗତ ଦାବି ହାସଲ ଲାଗି ସଂଗଠିତ ଭାବେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା।


ବ୍ରାହ୍ମଣ ସମାଜର ବୈଠକ।

# ଯୋଗାଣ ମନ୍ତ୍ରୀଙ୍କ ଦ୍ୱାରା ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ

**ଦିଗପହଣ୍ଡି,୫।୧୧(ଡି.ଏନ.ଏ.)**

ଦିଗପହଣ୍ଡି ବିଧାୟକ ତଥା ଖାଦ୍ୟ ଯୋଗାଣ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ରବିବାର ଦିଗପହଣ୍ଡି ଏନ୍‌ଏସି ୮ନଂ. ୱାର୍ଡର ୨୩୮ ପରିବାରଙ୍କୁ ୯ ଲକ୍ଷ ୨୬ ହଜାର ଟଙ୍କାର ତିତ୍‌ଲି କ୍ଷତିପୂରଣ ଆର୍ଥିକ ସହାୟତା ଚିଠା ବଣ୍ଟନ କରିଥିଲେ। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ସହକାରୀ କୃଷି ଅଧିକାରୀ ପଦାରବିନ୍ଦ ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସକ ଡ. ସୁପ୍ରଭା ସାହୁ ସମ୍ମାନିତ ଅତିଥି ଥିଲେ। ବିଜୁ କୃଷକ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଦିଗପହଣ୍ଡି ଏନ୍‌ଏସି ଅଧୀନ ବିଭିନ୍ନ ସାହି ବସ୍ତିର ୬୧୨ ହିତାଧିକାରୀଙ୍କ ନିମନ୍ତେ ସ୍ୱାସ୍ଥ୍ୟକାର୍ଡ଼ ବଣ୍ଟନକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ପରେ ମନ୍ତ୍ରୀ ଖମାରିଗାଁ ପଞ୍ଚାୟତ ଗୋଲଣ୍ଡା ଗ୍ରାମରେ ଆୟୋଜିତ ବିଜେଡିର ଜନ ସମ୍ପର୍କ ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଯୁବ ବିଜେଡି ବ୍ଲକ ସଭାପତି ଚିତ୍ରସେନ ଗୌଡ଼ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷା ପ୍ରତିନିଧି ନିରଞ୍ଜନ ରେଡ୍ଡୀ, ବ୍ଲକ ସରପଞ୍ଚ ସଂଘ ସଭାପତି ହରିବନ୍ଧୁ ରେଡ୍ଡୀ, ରଞ୍ଜନ ପାଣିଗ୍ରାହୀ, ସଞ୍ଜୟ ପାଣିଗ୍ରାହୀ, ସରପଞ୍ଚ ବିଭୂତି ଭୁଷଣ ମହାପାତ୍ର, ରବୀଚନ୍ଦ୍ର ଗୌଡ଼, ରାଧାକାନ୍ତ ମହାକୁଡ଼, ଶିବ ଶଙ୍କର ଗୌଡ଼, ସରସ୍ୱତୀ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ। ମନ୍ତ୍ରୀ ଗ୍ରାମର ୫ଟି ମହିଳା ଗୋଷ୍ଠୀଙ୍କୁ ମିଳିତ ଦେୟ ଗୋଷ୍ଠୀ ଜେଏଲଜି ଯୋଜନାରେ ୩ ଲକ୍ଷ ୫୦ ହଜାର ଟଙ୍କାର ସମବାୟ ଋଣ ବଣ୍ଟନ କରିଥିଲେ। ପଞ୍ଚାୟତ ବିଭିନ୍ନ ଗ୍ରାମର ୪୬ ହିତାଧିକାରୀଙ୍କୁ ରାଶନକାର୍ଡ ବଣ୍ଟନ କରାଯାଇଥିଲା। ରାତି ପ୍ରାୟ ୭ଟାରେ ମନ୍ତ୍ରୀ ପଦ୍ମନାଭପୁର ଗ୍ରାମରେ ପହଞ୍ଚି ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପ ନିମନ୍ତେ ଶିଳାନ୍ୟାସ କରିଥିଲେ। ସରପଞ୍ଚ ବି. କ୍ରିଷ୍ଣାରାଓ ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଆମ ଘର ଆମ ଏଲ୍‌ଇଡି ବଲ୍‌ବ ଯୋଜନାରେ ରାଶନକାର୍ଡ ହିତାଧିକାରୀଙ୍କୁ ବଲବ, ରାଶନକାର୍ଡ ଏବଂ ମହିଳା ଗୋଷ୍ଠୀଙ୍କୁ ସମବାୟ ଋଣ ବଣ୍ଟନ କରିଥିଲେ। ଜିଲା ପରିଷଦ ସଦସ୍ୟ ରାଜେନ୍ଦ୍ର ଦୋରା, ସମିତିସଭ୍ୟ ସୁଶାନ୍ତ ସେଠୀ, ବି. ରାମା ରାଓ, ୟୁ. ସୂର୍ଯ୍ୟନାରାୟଣ, ଲମ୍ବୋଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପଦଯାତ୍ରାରେ ମନ୍ତ୍ରୀ ଓ ଅନ୍ୟମାନେ।